ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.303, Bhubaneswar Saturday, January 18, 2020 | ୨୨ତମ ବର୍ଷ ସଂଖ୍ୟା-୩୦୩ ଭୁବନେଶ୍ୱର ଶନିବାର, ଜାନୁଆରୀ ୧୮, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ଘନ କୁହୁଡ଼ି; ସମୁଦ୍ରରେ ଫସିଲା ଲଂଚ୍

ପଟ୍ଟାମୁଣ୍ଡାଇ, ୧୭।୧(ପି.ଏନ): ଆଜି ସକାଳେ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ତାଳଚୁଆ ଘାଟରୁ ଚାନ୍ଦବାଲି ଅଭିମୁଖେ ଯାଉଥିବା ଏକ ସରକାରୀ ଲଂଚ୍ ଘନ କୁହୁଡ଼ି ଯୋଗୁଁ ବାଟବଣା ହୋଇ ସମୁଦ୍ର ମଧ୍ୟରେ ପ୍ରାୟ ୫ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ଫସି ରହିଥିଲା । ଯାତ୍ରୀଙ୍କ ଠାରୁ ଖବର ପାଇ ରାଜନଗର ପୋଲିସ ଲଂଚ୍ ଟିକୁ ଠାବ କରିବା ସହ ପରବର୍ତ୍ତି ସମୟରେ ଏହା ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲା । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସରକାରୀ ଲଂଚ୍ ରେ ଥିବା ଜିପିଆରଏସ ସିଷ୍ଟମ୍ ସମ୍ପୂର୍ଣ୍ଣ ଅଚଳ ହୋଇଥିବାରୁ ଲଂଚଟି ବାଟବଣା ହୋଇଥିବା କୁହାଯାଉଛି । ଆଜି ସକାଳ ପ୍ରାୟ ୬ଟା ପୂର୍ବରୁ ତାଳଚୁଆ ଘାଟରୁ ଲଂଚଟି ଚାନ୍ଦବାଲି ଅଭିମୁଖେ ବ୍ରାହ୍ମଣୀ ନଦୀରେ ଯାତ୍ରା କରୁଥିଲା । ହେଲେ ଯାତ୍ରା କରିବାର ପ୍ରାୟ ଅଧ ଘଂଟା ପରେ ମୁହାଣ ନିକଟରେ ବାଟବଣା ହୋଇ ଲଂଚ୍ ଡ୍ରାଇଭର ସମୁଦ୍ର ମଧ୍ୟକୁ ପଶି ଯାଇଥିଲେ । ଲଂଚ୍ ଡ୍ରାଇଭର ଲଙ୍ଗର ପକାଇ ଲଂଚଟିକୁ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ଧରି ସ୍ଥିର ରଖିବାରେ ସଫଳ ହୋଇଥିଲେ । ଫଳରେ ଲଂଚ୍ ଟି ଗଭୀର ସମୁଦ୍ର ମଧ୍ୟକୁ ଯିବାରୁ ବର୍ତ୍ତି ଯାଇଥିଲା ଏବଂ ବର୍ତ୍ତି ଯାଇଥିଲା ୩୦ ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ଜୀବନ । ସେମାନଙ୍କ ମଧ୍ୟରେ ଛୋଟ ଛୁଆଙ୍କ ସମେତ ବୟସ୍କ ବ୍ୟକ୍ତି ଓ ମହିଳା ମାନେ ରହିଥିଲେ ।ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସରକାରୀ ଲଂଚ୍ ରେ ଥିବା ଜିପିଆରଏସ ସିଷ୍ଟମ୍ ସମ୍ପୂର୍ଣ୍ଣ ଅଚଳ ହୋଇଥିବାରୁ ଲଂଚଟି ବାଟବଣା ହୋଇଥିବା କୁହାଯାଉଛି । ଯଦି ଏହା ସତ୍ୟ ହୋଇଥାଏ, ତେବେ ତାହା ସାଙ୍ଘାତିକ । ଘଟଣାର ସତ୍ୟାସତ୍ୟ ଯାଂଚ୍ କରାଯିବା ସହିତ ସମସ୍ତ ସରକାରୀ ଲଂଚ୍ ରେ ଜିପିଆରଏସ ସିଷ୍ଟମ କାର୍ଯ୍ୟକ୍ଷମ, ଆବଶ୍ୟକ ସ୍ଥଳେ ମରାମତି କରି ଏହାକୁ ସଚଳ କରାଇବାକୁ ଯାତ୍ରୀ ମାନେ ଦାବି କରିଛନ୍ତି । ଅନୁରୂପ ଭାବେ ଗତକାଲି ସକାଳେ ଘନ କୁହୁଡ଼ି ଯୋଗୁଁ ଚିଲିକାରେ ୨ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ଫସି ରହିଥିଲା ଏକ ଯାତ୍ରୀବାହି ଡ଼ଙ୍ଗା । ଏହି ମୋଟର ଚାଳିତ ଡ଼ଙ୍ଗାଟି ସାତପଡ଼ାରୁ ଜହ୍ନିକୁଦା ଅଭିମୁଖେ ଯାଉଥିବା ବେଳେ ଘନ କୁହୁଡ଼ି ଯୋଗୁଁ ନାଉରିଆ ବାଟ ଜାଣି ନପାରିବାରୁ ଚିଲିକା ମଝିରେ ମହିଷା ବ୍ରହ୍ମପୁର ନିକଟସ୍ଥ ଏକ ଗ୍ରାମ ପାଖାପାଖି ଫସି ଯାଇଥିଲା । କୁହୁଡ଼ି ଛାଡିବା ପରେ ଦୁଇ ଘଂଟା ବିଳମ୍ବରେ ଡ଼ଙ୍ଗାଟି ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରି ଜହ୍ନିକୁଦାରେ ପହଂଚି ଥିଲା । ଏହି ଡ଼ଙ୍ଗାରେ ପ୍ରାୟ ୩୦ ଜଣ ଯାତ୍ରୀ ଯାତ୍ରା କରୁଥଲେ ।

## ପଲିଥିନରେ ବନ୍ଧା ଅବସ୍ଥାରେ ନବଜାତକର ମୃତଦେହ ପୋଖରୀରୁ ଉଦ୍ଧାର

ନୟାଗଡ଼, ୧୭।୧(ପି.ଏନ): ଗାଁର ଏକ ପୋଖରୀରେ ନବଜାତକର ମୃତଦେହ ପଲିଥିନରେ ବନ୍ଧା ଅବସ୍ଥାରେ ଭାସୁଥିବା ଦେଖିବାକୁ ମିଳିଛି । ଆଜି ଏଭଳି ଚିତ୍ର ସାମ୍ନାକୁ ଆସିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଥାନା ଅନ୍ତର୍ଗତ କରବର ଗ୍ରାମରେ । ତେବେ କିଏ ଏଭଳି କାଣ୍ଡ ଭିଆଇଛି ତାହା ସ୍ପଷ୍ଟ ହୋଇନାହିଁ । ସ୍ଥାନୀୟ ଅଂଚଳ ବାସୀ ଆଜି ସକାଳେ ଏହା ଦେଖିବା ପରେ ପ୍ରଥମେ ପୋଲିସକୁ ଖବର ଦେଇଥିଲେ । ହେଲେ ପୋଲିସ ଦୀର୍ଘ ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଂଚି ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା ।

## ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗ : ପୂର୍ବତନ ବିଜେଡ଼ି ବିଧାୟକଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ଉ

ଭବାନୀପାଟଣା, ୧୭।୧(ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଭବାନୀପାଟଣାର ପୂର୍ବତନ ବିଜେଡ଼ି ବିଧାୟକ ଅନାମ ନାୟକଙ୍କ ବାସଭବନରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ଉ ହୋଇଛି । ତାଙ୍କର ଭବାନୀପାଟଣା ନକଟିଗୁଡ଼ାସ୍ଥିତ ବାସଭବନ ସହିତ ମଦନପୁର ରାମପୁରରେ ଥିବା ହୋଟେଲରେ ଆଜି ସକାଳ ଠାରୁ ଚଢ଼ଉ ଜାରୀ ରହିଛି । ଜୟପୁର ଭିଜିଲାନ୍ସ ଏସପିଙ୍କ ତତ୍ୱାବଧାନରେ ଏହି ଚଢ଼ଉ କରାଯାଇଛି । ଅପରାହ୍ନ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଚଢ଼ଉ ଜାରୀ ରହିଥିବାରୁ ଶ୍ରୀ ନାୟକଙ୍କ ମୋଟ୍ ସମ୍ପତିର ମୂଲ୍ୟ ଆକଳନ କରାଯାଇନାହିଁ । ଅନ୍ୟପକ୍ଷରେ ବିଜେଡ଼ିର ଜଣେ ବରିଷ୍ଠ ନେତାଙ୍କ ଘରେ ଭିଜିଲାନ୍ସ ଚଢ଼ଉକୁ ନେଇ ଦଳୀୟ ନେତାଙ୍କ ମନରେ ଛନକା ପଶିଛି । ୨୦୧୪ ରେ ଅନାମ ନାୟକ ଭବାନୀପାଟଣା ନିର୍ବାଚନମଣ୍ଡଳିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲାରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଥିବା ଅନାମ ପୂର୍ବରୁ ଜିଲ୍ଲାପାଳ ଅଫିସରେ କିରାଣୀ ଥିଲେ । ଭିଜିଲାନ୍ସ ତଦନ୍ତରୁ ତାଙ୍କର ନକଟିଗୁଡ଼ାସ୍ଥିତ ବାସଭବନ ସହ ମଦନପୁର ରାମପୁର ସ୍ଥିତ ହୋଟେଲ, ଭବାନୀପାଟଣା ନକଟିଗୁଡ଼ାପଡ଼ାରେ ଥିବା ତିନି ମହଲା କୋଠା, ମଦନପୁର ରାମପୁର ଠାରେ ଥିବା ସ୍ତ୍ରୀଙ୍କ ନାମରେ ବିଦେଶୀ ମଦ ଦୋକାନ ଥିବା ଜଣାପଡିଛି ।




କିଟ୍‌ରେ କମ୍ପ୍ୟୁଟର ସୋସାଇଟି ଅଫ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ୫୩ତମ ବାର୍ଷିକ ସମ୍ମିଳନୀ ୨୦୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ ଯୋଗଦାନ କରିଛନ୍ତି

## ସିଏଏ ଓ ଏନପିଆର ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଶ୍ରୀକାନ୍ତ

ଭୁବନେଶ୍ୱର, ୧୭।୧(ପି.ଏନ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମୁଖ୍ୟମନ୍ତ୍ରୀଙ୍କୁ ପତ୍ରଦ୍ୱାରା ଅନୁରୋଧ କରିଛନ୍ତି ଯେ ସିଏଏ ଓ ଏନପିଆରକୁ ଦେଥିବା ସମର୍ଥନକୁ ପ୍ରତ୍ୟାହାର କରିନିଅନ୍ତୁ। ସେ କହିଛନ୍ତି ଯେ ଆପଣଙ୍କ ଦଳ ବିଜେଡି ନାଗରିକ ସଂଶୋଧନ ଆଇନ୍(ସିଏଏ) ଓ ଜାତୀୟ ଜନସଂଖ୍ୟା ରେଜିଷ୍ଟର (ଏନପିଆର)କୁ ସମର୍ଥନ ଦେଇଛନ୍ତି। ଏନଆରସିର ଅନ୍ୟନାମ ଏନପିଆର। ଏହି ଆଇନ୍ ଦେଶର ସମ୍ବିଧାନର ସମ୍ପୂର୍ଣ୍ଣ ବିରୋଧି। ଦେଶର ସବୁ ବର୍ଗର ଲୋକେ ଏହି ଆଇନକୁ ଘୋର ବିରୋଧ କରୁଛନ୍ତି। ବିଶେଷକରି ଯୁବକ ଛାତ୍ର ଏହାର ପ୍ରତିବାଦରେ ସମଗ୍ର ଦେଶରେ ସବୁଠୁ ଆଗରେ। ଭାରତର ସମ୍ବିଧାନରେ ସ୍ପଷ୍ଟ ଯେ ଧର୍ମକୁ ଭିତିକରି କୌଣସି ଆଇନ ପ୍ରଣୟନ କରାଯାଇ ପାରିବା ନାହିଁ। ଏହା ଭାରତର ମୂଳ ଭାବନାର ସମ୍ପୂର୍ଣ୍ଣ ପରିପନ୍ଥୀ। ଦେଶର ସ୍ୱାଧିନତା ସଂଗ୍ରାମର ମହାନ ପରମ୍ପରା ହିଁ ସମ୍ବିଧାନ ରଚନାର ଆଧାରଶୀଳା। ସବୁ ଧର୍ମ, ସବୁ ବର୍ଣ୍ଣ, ସବୁ ଭାଷାର ସମନ୍ୱୟରେ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଭାବେ ସମଗ୍ର ବିଶ୍ୱର ଆମର ଏକ ସ୍ୱତନ୍ତ୍ର ପରିଚୟ। ସ୍ୱାମୀ ବିବେକାନନ୍ଦ ଆମେରିକାର ଚିକାଗୋ ଧର୍ମସମ୍ମିଳନୀରେ ଭାରତର ମୂଳ ଭାବନାକୁ ସ୍ପଷ୍ଟଭାବେ ସମଗ୍ର ବିଶ୍ୱ ନିକଟରେ ରଖିଥିଲେ। ବିଶ୍ୱ ଭାତୃତ୍ୱର କେନ୍ଦ୍ରବିନ୍ଦୁ ହେଉଛି ଭାରତବର୍ଷ। ଆଜି ସେହି ପରମ୍ପରା ଓ ପରିଚୟକୁ ଲିଭାଇବାକୁ ଏକ ଅପଚେଷ୍ଟା ଚାଲିଛି ବୋଲି କହିଛନ୍ତି।

## ନବନିଯୁକ୍ତ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ସମୀର ମହାନ୍ତିଙ୍କ ସଭାପତିତ୍ୱରେ ସାମୂହିକ ନେତୃତ୍ୱ ଦଳକୁ ନୂଆ ଉଚ୍ଚତାକୁ ନେବ: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୧୭।୧(ପି.ଏନ): ଓଡିଶା ବିଜେପି ଶାଖାର ନବନିଯୁକ୍ତ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ସାମୂହିକ ନେତୃତ୍ୱ ଦଳକୁ ନୂଆ ଉଚ୍ଚତାକୁ ନେବ ବୋଲି ତାଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇକହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ କିଛି ବର୍ଷ ଧରି ଶ୍ରୀଯୁକ୍ତ ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ସଂଗଠନ ବିସ୍ତାର,ଜନସ୍ୱାର୍ଥରେ ଆନ୍ଦୋଳନ ଓ ଏଥିପାଇଁ ଜନ ବିଶ୍ୱାସ ପ୍ରାପ୍ତ କରିବାରେ ବହୁମାତ୍ରାରେ ସଫଳ ହୋଇଛି । ଗତନିର୍ବାଚନରେ ଦଳ ଲୋକସଭାରେ ୩୮ ପ୍ରତିଶତ ଓ ବିଧାନସଭାରେ ୩୨ ପ୍ରତିଶତ ଭୋଟ ହାସଲ କରିଛି । ଦଳ ୮ଲୋକସଭା ଆସନରେ ବିଜୟ ଲାଭ କରିଛି । ଯେଉଁ କାରଣରୁ ଦିଲ୍ଲୀ ଦରବାରରେ ମୋଦି ଶାସନରେ ଓଡିଶାର ସ୍ୱରକୁଦଳୀୟ ସାଂସଦ ମାନେ ପ୍ରଭାବଶାଳୀ ଢଙ୍ଗରେ ଉଠାଇପାରୁଛନ୍ତି ।ଓଡିଶାକୁ ଭାରତବର୍ଷରେ ୧ ନମ୍ବର ରାଜ୍ୟ କରିବାକୁ ପଡିବ । ଏହି ଦୃଢତା ଓ ସଂକଳ୍ପ ବିଜେପିର କାର୍ଯ୍ୟକର୍ତାଙ୍କୁନେବାର ଆବଶ୍ୟକତା ରହିଛି । ସେ କହିଛନ୍ତି ଯେ ସରକାର ଗଢିବା କିମ୍ବା ଲୋକସଭା ଆସନରେ ବିଜୟ ପାଇଁ ନୁହେଁବରଂ ଦୀର୍ଘ ୭୦ ବର୍ଷ ଧରି ଓଡିଆ ଲୋକ ଯେଉଁ ନିଜ ହକ୍‌ରୁ ବଂଚିତ ଅଛି ତାହାକୁ ବିଜେପି ପ୍ରଶାସନ ଓଜନସାଧାରଣଙ୍କ ଆଗରେ ଉପସ୍ଥାପନ କରିବା ପାଇଁ ପ୍ରୟାସ କରୁଛି । ବିଜେପିକୁ ୩୭ ହଜାର ବୁଥରେ ମଜବୁତ୍ କରିପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା ଓ କାର୍ଯ୍ୟକାରୀ ସଭାପତି ଜଗତପ୍ରସାଦ ନଡ୍ଡାଙ୍କ ବାର୍ତାକୁଜନସାଧାରଣଙ୍କ ପାଖରେ ପହଁଚାଇବାକୁ ପଡିବ । ରାଜ୍ୟରେ ସଶକ୍ତ ବିରୋଧୀ ଦଳ ଭାବେ କାମ କରିବାକୁ ହେବ ଶ୍ରୀପ୍ରଧାନ କହିଛନ୍ତି । "ଯଦି କେହି ଭାବୁଥିବ ପ୍ରଧାନମନ୍ତ୍ର ଆବାସ ଯୋଜନାର ନାଁକୁ କାଟି କେବଳ ଆବାସ ଯୋଜନା କରିବୁ ତେବେ ଦଳରସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ସେ ଦିବାସ୍ୱପ୍ନକୁ ବିଜେପି ବିଧାନସଭା ଭିତରେ ଏବଂ ବାହାରେ ଏବଂ ଦିଲ୍ଲୀରଲୋକସଭା ଓ ରାଜ୍ୟସଭାର ଗୃହରେ ମଧ୍ୟ ବିରୋଧ କରିବ । ଏ ପ୍ରକାର ଅପେକ୍ଷା ଓ ଦୃଢତା ବିଜେପି ପାଖରେ ରହିଛିବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ଭାରତୀୟ ଜନତା ପାର୍ଟି ଦେଶ, ରାଜ୍ୟ, ଜିଲ୍ଲା, ବିଭିନ୍ନ ମଣ୍ଡଳ ଏବଂ ବୁଥରେକଥାକଥିତ ଧାରଣାକୁ ବଦଳାଇ ଧୀରେଧୀରେ ଏକ ସଶକ୍ତ ରାଜନୈତିକ ସଂଗଠନ ଭାବେ ନିଜକୁ ଗଢିବାର ପ୍ରୟାସଜାରୀ ରଖିଛି ବୋଲି ସେ କହିଛନ୍ତି ।

## ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ପୁରୀ ଜିଲ୍ଲା ଗସ୍ତ

ଭୁବନେଶ୍ୱର, ୧୭।୧(ପି.ଏନ): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ପୁରୀ ଜିଲ୍ଲା ଗସ୍ତ ଅବସରରେ ପୁରୀସ୍ଥିତ ସର୍ବୋଦୟ ନଗର ଆଦର୍ଶ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ଠାରେ ଅଭିଭାବକ ଓ ଶିକ୍ଷକଙ୍କ ଦ୍ୱିତୀୟ ଅଧିବେଶନ ବୈଠକରେ ଯୋଗଦାନ କରି କହିଲେ ଯେ, ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରାଯିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହିତ ପିଲାମାନଙ୍କ ଉପରେ ପଡୁଥିବା ପରୀକ୍ଷାର ଚାପକୁ କମାଇବା ପାଇଁ ପିତାମାତା, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସଚେତନ କରିବା ଏବଂ ପରୀକ୍ଷାକୁ ଛାତ୍ରଛାତ୍ରୀମାନେ ଜଟିଳ ନଭାବି କିପରି ସହଜ ଭାବେ ଗ୍ରହଣ କରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ଶ୍ରୀ ଦାଶ ପରାମର୍ଶ ଦେଇଥିଲେ।

## ଯୁବକଙ୍କୁ ହତ୍ୟା, ପାଳ ପକାଇ ଶବ ଜାଳିଦେବାକୁ ଉଦ୍ୟମ : ଅର୍ଦ୍ଧଦଗ୍ଧ ମୃତଦେହ ଜବତ

ଗଞ୍ଜାମ, ୧୭।୧(ପି.ଏନ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସୁନାପଲ୍ଲୀ ଗ୍ରାମରେ ଘଟିଯାଇଛି ଏକ ଦୁଃଖଦ ଘଟଣା । ଦୁର୍ବୃତ ମାନେ ଜଣେ ଯୁବକଙ୍କୁ ହତ୍ୟା କରିବା ପରେ ପାଳ ପକାଇ ଜାଳି ଦେବାକୁ ଉଦ୍ୟମ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ମୃତକ ହେଲେ ନିକଟସ୍ଥ ଆଠଗଡ଼ ପାଟଣା ଗ୍ରାମର କାଳିଆ ଦାସ ବୋଲି ଜଣାପଡିଛି । ଆଜି ସକାଳେ ଘଟଣାସ୍ଥଳରେ ଜଣେ ବ୍ୟକ୍ତି ପୋଡ଼ି ଯାଉଥିବା ଦେଖି ଗ୍ରାମବାସୀ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀ ଆସି ନିଆଁ ଲିଭାଇବା ସହ କବିସୂର୍ଯ୍ୟନଗର ପୋଲିସ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିଛି । ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଚଳାଇଛି । ତେବେ ତାଙ୍କ ମୁହଁକୁ ପଥରରେ ଛେଚି ବିକୃତ କରାଯାଇଥିବାରୁ ପ୍ରଥମେ ଶବ ଚିହ୍ନଟ କରିବା ପୋଲିସ ପାଇଁ କଷ୍ଟକର ବ୍ୟାପାର ହୋଇଥିଲା । ହେଲେ ପରବର୍ତ୍ତି ସମୟରେ ମୃତ ଯୁବକଙ୍କ ପରିବାର ଲୋକେ ଶବ ଚିହ୍ନଟ କରିବା ସହ ହତ୍ୟା ଅଭିଯୋଗ ଆଣିଛନ୍ତି । ଦୁର୍ବୃତ ମାନେ ତାଙ୍କୁ ହତ୍ୟା ପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ପୋଡି ଦେବାକୁ ଉଦ୍ୟମ କରିଥିବା ଏବଂ ଗାଁ ଲୋକେ ଆସିଯିବାରୁ ଘଟଣାସ୍ଥଳ ଛାଡି ଚାଲିଯାଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ କିଏ ଓ କାହିଁକି କାଳିଆଙ୍କୁ ହତ୍ୟା କରିଛି । ହତ୍ୟାକାଣ୍ଡ ପଛରେ କାରଣ କ'ଣ ରହିଛି ପୋଲିସ ସେନେଇ ଛାନଭିନ୍ ଆରମ୍ଭ କରିଛି ।

## ଜନସାଧାରଣଙ୍କ ସେବା ମୂଳ ଲକ୍ଷ୍ୟ



ଭୁବନେଶ୍ୱର(ପି.ଏନ) ନୟାଗଡ ଜିଲ୍ଲା ଖଣ୍ଡପଡାବ୍ଲକ ଅଧିନସ୍ଥ ବନମାଳୀପୁର ଗ୍ରାମର ଆଶିଷ ତ୍ରିପାଠୀ ପିତା ସଚ୍ଚିଦାନନ୍ଦ ତ୍ରିପାଠୀ ଓଡିଶା ପ୍ରଶାସନିକ ସେବା(ଓ.ଏ.ଏସ) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଫଳରେ ଏ ଅଂଚଳବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି । ଜନସାଧାରଣମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ତାଙ୍କର ମୂଳଲକ୍ଷ୍ୟ ଏବଂ କୃତକାର୍ଯ୍ୟ ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତଥା ନିଜର ପିତାମାତା, ଦଦେଇ ଦେଠେଇ, ଭାଇଭଉଣୀ ଭିଣୋଇମାନଙ୍କୁ ଶ୍ରେୟ ଦେଇଛନ୍ତି ।

## ୪୦୦ କେଜି ଗଞ୍ଜେଇ ସହିତ ପିକଅପ୍ ଭ୍ୟାନ୍, ବୋଲେରୋ ଜବତ : ତିନି ଗିରଫ

କୋରାପୁଟ, ୧୭।୧(ପି.ଏନ): କୋରାପୁଟ ଜିଲ୍ଲା ମାଛକୁଣ୍ଡ ଓ ଲମତାପୁଟ ପୋଲିସର ମିଳିତ ପାଟ୍ରୋଲିଂ ବେଳେ ବଡ଼ସଗର ଅଂଚଳରୁ ଗୋଟିଏ ଗଞ୍ଜେଇ ବୋଝେଇ ପିକଅପ୍ ଭ୍ୟାନ୍ କୁ ଜବତ କରାଯାଇଛି । ଗାଡ଼ିରେ ଚାଲାଣ କରାଯାଉଥିବା ୪୦୦ କେଜି ଗଞ୍ଜେଇକୁ ପୋଲିସ ଜବତ କରିଛି । ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନଙ୍କ ପରିଚୟ ମିଳିପାରିନାହିଁ ।ଗତକାଲି ରାତିରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ସଗର ଅଂଚଳରେ ଗାଡି ଯାଂଚ୍ କରୁଥିଲା । ଏହି ସମୟରେ ଗୋଟିଏ ପିକଭ୍ୟାନକୁ ଯାଂଚ୍ ବେଳେ ସେଥିରେ ଗଞ୍ଜେଇ ଚାଲାଣ କରାଯାଉଥିବା ଜଣାପଡିଥିଲା ।

## ମିନି ଟ୍ରକ୍ ପଛରେ ପିଟିଲା କାର୍ : ୪ ଆହତ

ମୋହନା, ୧୭।୧(ପି.ଏନ): ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ପାଦ୍ରୀମା ଗାଁ ନିକଟରେ ଏକ କାର୍ - ମିନି ଟ୍ରକ୍ ପଛରେ ଧକ୍କା ଦେବା ଫଳରେ କାର୍ ରେ ଥବା ଯାତ୍ରୀ ମାନଙ୍କ ମଧ୍ୟରୁ ୪ ଜଣ ଆହତ ହୋଇଛନ୍ତି । ତନ୍ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ରହିଛି । ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ମାନଙ୍କୁ ଉଦ୍ଧାର କରାଯାଇ ମୋହନା ଡ଼ାକ୍ତରଖାନାରେ ଭର୍ତି କରାଯାଇଛି । ଘନ କୁହୁଡ଼ି ଯୋଗୁଁ ରାସ୍ତା ଦିଶୁ ନଥିବା କାରଣରୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି । ଆଜି ସକାଳ ପ୍ରାୟ ସାଢ଼େ ୬ଟା ସମୟରେ ୬ ଜଣ ଯାତ୍ରୀଙ୍କୁ ନେଇ କାର୍ ଟି ମୋହନାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା ।

## ସଂକଟରେ ଘରୋଇ ମିଲର : ୪୦ ଭାଗ ଧାନ କିଣିବେ ବାହାର ଜିଲା ମିଲର

ଭଦ୍ରକ, ୧୭।୧(ପି.ଏନ): ଭଦ୍ରକ ଜିଲାର ଚଳିତ ବର୍ଷ ବାହାର ଜିଲା ମିଲର ପ୍ରାୟ ୪୦ ଭାଗ ଧାନ କିଣିବେ। ବର୍ତମାନ ସୁଦ୍ଧା ସରକାର ଭଦ୍ରକ ଜିଲାରୁ ୧୩ ଲକ୍ଷ ୩୮ ହଜାର କ୍ୱିାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ସେଥିରୁ ପ୍ରାୟ ୫ ଲକ୍ଷ ୫୦ ହଜାର କ୍ୱିାଲ ଧାନ କେବଳ ବାହାର ଜିଲା ମିଲରଙ୍କ ଜରିଆରେ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଅବଶିଷ୍ଟ ଧାନକୁ ଜିଲା ମିଲରଙ୍କ ଜରିଆରେ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିନେଇ ଜିଲା ଯୋଗାଣ ବିଭାଗ ପକ୍ଷରୁ ସ୍ପଷ୍ଟ ଭାବେ କୌଣସି ସୂଚନା ଦିଆଯାଇନଥିଲେ ମଧ ଜିଲାରୁ ସରକାରୀ ଧାନ ସଂଗ୍ରହ ସକାଶେ ବାହାର ଜିଲା ମିଲରଙ୍କ ଠାରୁ ନିଗମ ରଖିଥିବା ସିକ୍ୟୁରିଟି ଅର୍ଥରୁ ଏହି କଥା ପ୍ରମାଣିତ ହେଉଛି। ରାଜ୍ୟ ଯୋଗାଣ ନିଗମ କର୍ତୃପକ୍ଷଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଲେ କୋଟି କୋଟି ଟଙ୍କା ବ୍ୟୟରେ ଋଣ କରଜ କରି ରାଇସ୍ ମିଲ୍ ପ୍ରତିଷ୍ଠା କରିଥିବା ଜିଲା ମିଲରଙ୍କ ଜୀବିକା ବୁଡିବା ନିଶ୍ଚିତ ହୋଇଛି। ଯାହାକୁ ନେଇ ଏବେ ଜିଲା ମିଲରମାନେ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ବର୍ତମାନ ସୁଦ୍ଧା ଜିଲାରେ ଧାନ ସଂଗ୍ରହ କରିବାକୁ ମୋଟ ୩୧ଟି ମିଲର ଯୋଗାଣ ବିଭାଗ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଥିବାବେଳେ ସେଥିରୁ ଘରୋଇ ମିଲରଙ୍କ ସଂଖ୍ୟା ମାତ୍ର ୨୦ ରହିଥିବା ବେଳେ ବାହାର ଜିଲା ମିଲରଙ୍କ ସଂଖ୍ୟା ୧୧ ରେ ପହଞ୍ଚିଛି। ସୂଚନା ଅନୁଯାୟୀ ସମ୍ବଲପୁର ଜିଲାରୁ ୮ଟି ମିଲରଙ୍କୁ ଭଦ୍ରକ ଜିଲା ଧାନ କିଣାରେ ସାମିଲ କରାଯାଇଥିବାବେଳେ ପଡୋଶୀ ଯାଜପୁର ଜିଲାରୁ ୨ଟି ଏବଂ ଖୋର୍ଦ୍ଧା ଜିଲାରୁ ଗୋଟିଏ ମିଲରଙ୍କୁ ଜିଲା ଧାନ କିଣାରେ ସାମିଲ କରାଯାଇଛି। ଏହା ବାଦ ଏକାଧିକ ବାହାର ଜିଲା ମିଲରଙ୍କ ସଂପୃକ୍ତି ନେଇ ମୁଲଚାଲ ଚାଲିଥିବା ଜଣାପଡିଛି। ସବୁଠାରୁ ବଡକଥା ହେଲା ସରକାରୀ ଧାନ ସଂଗ୍ରହରେ ଯୋଗାଣ ନିଗମକୁ ମଣ୍ଡିରୁ ମିଲ ପର୍ଯ୍ୟନ୍ତ ଧାନକିଣା ଏବଂ ଚାଉଳ ସଂଗ୍ରହ ପାଇଁ ମିଲରୁ ଯୋଗାଣ ନିଗମ ଗୋଦାମ୍ ପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ବହନ କରିବାକୁ ପଡୁଥିବାବେଳେ ଯୋଗାଣ ନିଗମ କେଉଁ ପରିସ୍ଥିତିରେ ନିଜ ଜିଲା ମିଲରଙ୍କୁ ଅଣଦେଖା କରି ଧାର୍ଯ୍ୟ ଖର୍ଚ୍ଚ ଠାରୁ ଅଧିକ ୧୦ ଗୁଣ ଅର୍ଥ ଅଧିକ ଖର୍ଚ୍ଚ କରି ବାହାର ଜିଲା ମିଲର ନିଯୁକ୍ତିକୁ ଅଗ୍ରାଧିକାର ଦେଉଛନ୍ତି, ତାହା ତଦନ୍ତ ସାପେକ୍ଷ ବୋଲି କୁହାଯାଉଛି। ଗତବର୍ଷ ଭଦ୍ରକ ଜିଲାରେ ପ୍ରାୟ ୧୯ ଲକ୍ଷ କ୍ୱିାଲ ଧାନ ସଂଗ୍ରହ ହୋଇଥିବାବେଳେ ବାହାର ଜିଲା ମିଲରଙ୍କ ଜରିଆରେ ପ୍ରାୟ ୯ ଲକ୍ଷ ଏବଂ ଘରୋଇ ମିଲରଙ୍କ ଜରିଆରେ ପ୍ରାୟ ୧୦ ଲକ୍ଷ କ୍ୱିାଲ ଧାନ ସଂଗ୍ରହ କରାଯାଇଥିଲା। ରାଜ୍ୟ ଯୋଗାଣ ନିଗମ କର୍ତୃପକ୍ଷଙ୍କର ଏହି ଧରଣର ବାହାର ଜିଲା ମିଲର ପ୍ରୀତି ଯୋଗୁଁ ଗତ ୩ ବର୍ଷରେ ଭଦ୍ରକ ଜିଲାରେ ଘରୋଇ ମିଲରଙ୍କ ସଂଖ୍ୟା ୩୦ ରୁ ହ୍ରାସ ପାଇ ୨୦ ରେ ପହଞ୍ଚି ସାରିଲାଣି। ଅର୍ଥାଭାବରୁ ଘରୋଇ ମିଲରମାନେ ଥାକ ଥାକ କରି ଯୋଗାଣ ନିଗମକୁ ସିକ୍ୟୁରିଟି ଦେଇ ଧାନ ସଂଗ୍ରହ ପାଇଁ ଆଗ୍ରହ ପ୍ରକାଶ କରୁଥିବା ବେଳେ ଯୋଗାଣ ନିଗମ ଏହାକୁ ପ୍ରତ୍ୟାଖାନ କରି ବାହାର ଜିଲା ମିଲରଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଥିବାରୁ ଏହି ଧରଣର ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଭଦ୍ରକ ଜିଲାରେ ବିପୁଳ ଧାନ ଉତ୍ପାଦନକୁ ଦୃଷ୍ଟିରେ ରଖି ଜିଲାର ବହୁ ଶିକ୍ଷିତ ବେକାର ସରକାରୀ ଋଣ କରଜ କରି ରାଇସ୍ ମିଲ୍ ଶିଳ୍ପ ପ୍ରତିଷ୍ଠା କରୁଥିବାବେଳେ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ଯୋଗୁଁ ବର୍ଷସାରା ମିଲ୍ ଚଳାଇବାକୁ ଧାନ ନପାଇ ବହୁ ମିଲ୍ ବନ୍ଦ ହୋଇଯାଉଛି। ରାଜ୍ୟ ଯୋଗାଣ ନିଗମର ଏହି ଧରଣର ସ୍ୱେଚ୍ଛାଚାରୀ ନୀତି ଯୋଗୁଁ ଗତ ୫ ବର୍ଷ ମଧ୍ୟରେ ଭଦ୍ରକ ଜିଲାରେ ଅନ୍ୟୁନ ୧୦ଟି ରାଇସ୍‌ମିଲ୍ ବନ୍ଦ ହୋଇଯାଇଥିବା ଜଣାପଡିଛି। ତେବେ ଏଥିନେଇ ଜିଲା ଯୋଗାଣ ଅଧିକାରୀ ଶ୍ରୀ ମୀରା ରାଜା ଅଲ୍ଲୀଙ୍କୁ ଯୋଗାଯୋଗ କରାଯାଇ ଥିବାବେଳେ ଜିଲା ମିଲରମାନେ ଆବଶ୍ୟକ ମତେ ସିକ୍ୟୁରିଟି ଅର୍ଥ ଦେଇପାରୁନଥିବାରୁ ଜିଲାରେ ଧାନ ସଂଗ୍ରହ ବାଧାପ୍ରାପ୍ତ ନହେବା ଆଶଙ୍କା କରି ସରକାର ଏହି ବ୍ୟବସ୍ଥା ଗ୍ରହଣ କରୁଛନ୍ତି ବୋଲି କହିଛନ୍ତି। ତେବେ ଅସଲରେ ରାଜ୍ୟର ପ୍ରତିଷ୍ଠିତ ରାଇସ୍ ମିଲରମାନଙ୍କ ସହିତ ରାଜ୍ୟ ଯୋଗାଣ ନିଗମର ଉପରିସ୍ଥ ଅଧିକାରୀଙ୍କର ସଲା ସୁତୁରାରେ ଏହି କାର୍ଯ୍ୟ ଚାଲିଥିବା ଅଭିଯୋଗ ହେଉଛି। ଯାହାର ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରାଯାଇଛି।

## ସେସୁର ବିଦ୍ୟୁତ୍ କାଟ୍ ଅଭିଯାନ ଦ୍ୱିତୀୟ ଦିନରେ

ଭୁବନେଶ୍ୱର, ୧୭।୧(ପି.ଏନ): ଶନିବାର ଦ୍ୱିତୀୟ ଦିନରେ ବି ସେସୁ ପକ୍ଷରୁ ବକେୟା ବିଦ୍ୟୁତ୍ ବିଲ୍ ଦେଇନଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟ୍ ଅଭିଯାନ ଜାରି ରହିଛି। ଦ୍ୱିତୀୟ ଦିନରେ କଟକ ସହରର ମଧୁପାଟଣା, ବାଦାମବାଡ଼ି, ଦୋଳମୁଣ୍ଡାଇ ଓ ବକ୍ସି ବଜାର ଅଂଚଳରେ ବକେୟା ବିଲ ପୈଠ କରିନଥିବା ଅନେକ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକର ବିଦ୍ୟୁତ୍ କାଟ ହୋଇଛି। ବକେୟା ବିଲ୍ ପୈଠ କରିବାକୁ ଚେତାବନୀ ପରେ ଗତକାଲିଠାରୁ ବିଭିନ୍ନ ଜିଲ୍ଲାରେ ସେସୁ ପକ୍ଷରୁ ବିଦ୍ୟୁତ୍ କାଟ୍ ପ୍ରକ୍ରିୟା ଆରମ୍ଭ ହୋଇଛି । ସେସୁ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ପ୍ରଥମ ଦିନରେ ୧,୫୪୫ଜଣ ଉପଭୋକ୍ତାଙ୍କର ବିଦ୍ୟୁତ ସଂଯୋଗ କଟା ଯାଇଥିଲା। ବକେୟା ବିଲ ବାବଦରେ ୫ କୋଟି ୩୮ ଲକ୍ଷରୁ ଅଧିକ ଟଙ୍କା ଆଦାୟ ହୋଇଥିଲା। ପୁରୀରେ ସବୁଠୁ ଅଧିକ ବକେୟା ବିଲ୍ ଆଦାୟ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅଛନ୍ତି ସେସୁ ଟାର୍ଗେଟରେ ସ୍ୱଚ୍ଛଳ ବର୍ଗର ଉପଭୋକ୍ତା, ଯେଉଁମାନେ ଅଧିକ ଟଙ୍କା ବକେୟା ରଖିଛନ୍ତି । ସେମାନଙ୍କ ଘରୁ ବିଜୁଳି ସଂଯୋଗ କାଟିବେ ସେସୁ କର୍ମଚାରୀ । ଗୁରୁବାର ୧୪ ହଜାର ଉପଭୋକ୍ତା ବିଦ୍ୟୁତ ବିଲ ପୈଠ କରିଥିବାରୁ ସେସୁ ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଦିଆଯାଇଛି।





## ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ ଇନ୍ ପ୍ୟାରିସ' ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ପୁରାଣ କାହାଣୀ

# ହିରଣ୍ୟକଶ୍ୟପୁ ଓ ପ୍ରହଲ୍ଲାଦ କଥା

ଭଗବାନ ବିଷ୍ଣୁ ଭକ୍ତର ଡୋରିରେ ବନ୍ଧା । ପୃଥିବୀ ପୃଷ୍ଠରୁ ପାପଭାରା କମାଇବା ପାଇଁ ଓ ଦୈତ୍ୟମାନଙ୍କ ଅତ୍ୟାଚାରରୁ ସାଧୁ,ସନ୍ଥ ଓ ତାଙ୍କ ଭକ୍ତମାନଙ୍କୁ ଉଦ୍ଧାର କରିବା ପାଇଁ ସେ କେତେବେଳେ ବାମନ ଅବତାର ତ ପୁଣି କେତେବେଳେ କୃଷ୍ଣ, ରାମ, ମତ୍ସ୍ୟ, ବରାହ ଆଦି ଅବତାର ନେଇ ଜନ୍ମ ହୋଇଛନ୍ତି । ସେ ତାଙ୍କ ଭକ୍ତମାନଙ୍କ ପାଇଁ ଜଳରେ ଅଛନ୍ତି ସ୍ଥଳରେ ବି ଅଛନ୍ତି । ପାହାଡ ଉପରେ ଅଛନ୍ତି ଓ ଗଛ ଉପରେ ଅଛନ୍ତି । ଘର ଚାରିକାନ୍ଥ ଭିତରେ ଅଛନ୍ତି । ତାଙ୍କୁ ଯେତେବେଳେ ଯେଉଁଠି ଡାକି ସେ ସର୍ବଦା ଅବାର୍ଭିବା ହୋଇ ଯାଆନ୍ତି । ଏଇ ଯେମିତି ଭକ୍ତ ପ୍ରହଲ୍ଲାଦର ଡାକରେ ଭଗବାନ ନୃସିଂହ ଅବତାର ନେଇ ଖମ୍ବ ଭିତରୁ ବାହାରି ରାକ୍ଷସ ପିତା ହିରଣ୍ୟକସପକୁ ବଧ କରିଥିଲେ । ଏବେ ଆସନ୍ତୁ ଏହି ପ୍ରହଲ୍ଲାଦ ଓ ହିରଣ୍ୟକସିପୁ ବିଷୟରେ କିଛି ଜାଣିବା।

ହିରଣ୍ୟକସିପୁ ଥିଲା ଦୈତ୍ୟମାନଙ୍କ ରାଜା । ଦୈତ୍ୟମାନଙ୍କ ଔରସରୁ କୋଟିତ ଦେବତାମାନେ ଜନ୍ମ ଗ୍ରହଣ କରନ୍ତି । ଏଇ ଯେମିତି ରାକ୍ଷସ ରାଜା ହିରଣ୍ୟକସିପୁ ଔରସରୁ ପ୍ରହଲ୍ଲାଦ ନାମ୍ନୀ ଧାରୀ ଜଣେ ବାଳକ ଜନ୍ମ ହୋଇଥିଲା । ଜନ୍ମ ହେବା ପରଠାରୁ ସେ ଭଗବାନ ବିଷ୍ଣୁଙ୍କ ପ୍ରତି ସମର୍ପିତ ହୋଇ ଯାଇଥିଲା । କିନ୍ତୁ ହିରଣ୍ୟକସିପୁ ବିଷ୍ଣୁଙ୍କ ନାଁ ଶୁଣିଲେ ରାଗରେ ଜଳି ଯାଉଥିଲା । ପ୍ରହଲ୍ଲାଦର ଏପରି ହାବଭାବ ଦେଖି ହିରଣ୍ୟକସିପୁ ଗୁରୁକୁଳରେ ଛାଡିଥିଲା ପାଠପଢ଼ିବାକୁ । ହେଲେ ପ୍ରହଲ୍ଲାଦ ପାଠ ପଢ଼ିବ କ'ଣ ଗୁରୁକୁଳର ଅନ୍ୟ ପିଲାଙ୍କୁ ଭଗବାନ ବିଷ୍ଣୁଙ୍କ ସମ୍ବନ୍ଧରେ ଶିକ୍ଷାଦାନ କରିବା ଆରମ୍ଭ କରିଦେଲା । ଏହା ଦେଖି ଗୁରୁକୁଳର ସଦସ୍ୟମାନେ ଭୟଭୀତ ହୋଇଗଲେ । ଶେଷରେ କଥାଟାକୁ ହିରଣ୍ୟକସିପୁଙ୍କ କାନରେ ପକାଇଲେ । ଦୈତ୍ୟରାଜ ହିରଣ୍ୟକସିପୁ ପୁଅର ଏତାଦୃଶ୍ୟ



କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ମାରିବାକୁ ଉଦ୍ୟମ କଲେ । ପ୍ରହଲ୍ଲାଦକୁ ତେଲ କଡେଇରେ ପକାଇା ସହ ଜଳନ୍ତା ଅଗ୍ନିରେ ମଧ୍ୟ ପକାଇ ହତ୍ୟା କରିବାକୁ ଉଦ୍ୟମ କଲେ। ଗଭୀର ସମୁଦ୍ରରେ ତାକୁ ନେଇ ପୋପାଡିଦେଲେ । ସାପ ମେଳରେ ପୁଅକୁ ଛାଡିଦେଲେ । ହେଲେ ପ୍ରହଲ୍ଲାଦ ଏଥିରେ ବିଚଳିତ ନହୋଇ ପ୍ରତି ମୁହୁର୍ତ୍ତରେ 'ଓଁ ବିଷ୍ଣୁ' ମନ୍ତ୍ର ଉଚ୍ଚରେଣ କରି ଚାଲିଥିଲା । ଯାହାଫଳରେ ପ୍ରହଲ୍ଲାଦ ସବୁ ବିପତ୍ତିରୁ ବର୍ତ୍ତି ଯାଉଥିଲା । ପ୍ରହଲ୍ଲାଦର ମରଣ ହେଉ ନଥିବାରୁ ହିରଣ୍ୟକସିପୁ ଚିନ୍ତାରେ ପଡି ଯାଇଥିଲା । କାରଣ ସେ ତା ପୁଅ ହୋଇଥିଲେ ମଧ୍ୟ ବିଷ୍ଣୁଙ୍କ ପ୍ରତି ସମର୍ପଣ ଭାବନା ଦେଖି ହିରଣ୍ୟକସିପୁ ପ୍ରହଲ୍ଲାଦକୁ ଶତ୍ରୁ ଭାବେ ବିବେଚନା କରୁଥିଲା । ଶେଷରେ ପ୍ରହଲ୍ଲାଦ ତାର ବାପାକୁ ଭଗବାନ ବିଷ୍ଣୁଙ୍କ ସମ୍ବନ୍ଧରେ ବୁଝାଇବାକୁ ଆରମ୍ଭ କଲା । ହେଲେ ହିରଣ୍ୟକସିପୁ ଶେଷରେ ଅଥୟ ହୋଇ ପୁଣି ହତ୍ୟା ଉଦ୍ୟମ କଲା । ବିଚଳିତ ହୋଇ ପ୍ରହଲ୍ଲାଦକୁ ପଚାରିଲା ତୋ ଭଗବାନ କେଉଁଠି ଅଛନ୍ତି ? ଡାକିଲୁ ତୋ ଭଗବାନଙ୍କୁ । ପ୍ରହଲ୍ଲାଦ ଉତ୍ତର ଦେଇଥିଲା ଭଗବାନ ସବୁଠି ଅଛନ୍ତି । ଏହି ଘର ଭିତରେ ଅଛନ୍ତି । ରାଗ ଜରଜରରେ ହିରଣ୍ୟକସିପୁ ଭଗବାନଙ୍କୁ ଖୋଜିବା ଉଦ୍ଦେଶ୍ୟରେ ଘରର ବିଭିନ୍ନ ଆସବାବପତ୍ର ଭାଙ୍ଗିବା ସହ ଚାରିପଟେ ଥିବା ଖମ୍ବ ଉଗଡିକ ଭାଙ୍ଗିଲା । ହିରଣ୍ୟକସିପୁର ଅତ୍ୟାଚାର ଏତେମାତ୍ରାରେ ବଢ଼ି ଯାଇଥିଲାଯେ ଶେଷରେ ଭଗବାନ ବିଷ୍ଣୁ ଖମ୍ବ ଭିତରୁ ନୃସିଂହ ଅବତାର ହୋଇ ବାହାରିଲେ । ଏବଂ ପାପୀ ହିରଣ୍ୟକସିପୁର ଛାତି ଫାଡି ବଧ କଲେ । ଚାରିଆଡେ ଭକ୍ତ ପ୍ରହଲ୍ଲାଦର ଯଶବାନା ଉଡିଲା ।

# ପାହାଡ ଶୀର୍ଷରେ ଗ୍ରାମ

ଦୁନିଆରେ ଏଭଳି ଅନେକ ଲୋକେ ଅଛନ୍ତି, ଯିଏକି ପାହାଡ ତଥା ଉଚ୍ଚା ସ୍ଥାନରେ ଘର ତିଆରି କରିବା ପାଇଁ ପସନ୍ଦ କରନ୍ତି। କିନ୍ତୁ କିଛି ଲୋକେ ଏଭଳି ମଧ୍ୟ ଅଛନ୍ତି, ଯିଏକି ନିଜ ଜୀବନକୁ ବିପଦରେ ପକାଇ ଏଭଳି ସ୍ଥାନରେ ରହିବା ପାଇଁ ଚାହାନ୍ତି, ଯାହା ସୁରକ୍ଷିତ ନଥାଏ। ଏଭଳି ହିଁ ଏକ ସ୍ଥାନ ହେଉଛି ସ୍ପେନ୍‌ର କେଷ୍ଟେଲଫୋଲିଟ୍ ଡେ ଲା ରୋକା ଗ୍ରାମ, ଯାହା ବସାଲ୍ଟ ପାହାଡ ଶୀର୍ଷରେ ଅବସ୍ଥିତ। ସୂଚନା ଯୋଗ୍ୟ ଯେ, ପ୍ରାୟ ହଜାର ବର୍ଷ ପୂର୍ବେ ଏଠାରେ ପ୍ରଥମେ ଦୁଇଟି ଜ୍ୱାଳାମୁଖୀ ବିସ୍ଫୋଟ ହୋଇଥିଲା। ପ୍ରଥମ ବିସ୍ଫୋଟ ବଟେଟ୍ ଗ୍ରାମରେ ୨୧୭,୦୦୦ ବର୍ଷ ପୂର୍ବେ ଏବଂ ଦ୍ୱିତୀୟଟି ୧୯୨,୦୦୦ ବର୍ଷ ପୂର୍ବେ ହୋଇଥିଲା। ଧୀରେ ଧୀରେ ଏହି ଜ୍ୱାଳାମୁଖୀ ଜମିବାକୁ ଲାଗିଥିଲା ଏବଂ ତାହା ବସାଲ୍ଟ ପାହାଡରେ ପରିଣତ ହୋଇଯାଇଥିଲା। ଏହି ଚଟ୍ଟାଣ ଥଣ୍ଡା ହେବା ପରେ ଏଠାରେ ମଧ୍ୟକାଳୀନ ସମୟରେ ଏକ ଛୋଟ



ଗ୍ରାମ ବସତି ସ୍ଥାପନ କରିଥିଲା। ଏହି ଗ୍ରାମର ଘରଗୁଡ଼ିକ ମଧ୍ୟ ଜ୍ୱାଳାମୁଖୀର ଚଟ୍ଟାଣରେ ହିଁ ତିଆରି। ୧୩ତମ ଶତାବ୍ଦୀରେ ଏହି ପାହାଡର କୋଣରେ ସେଣ୍ଟ ସାଲବୋଡୋର୍ ଚର୍ଚ୍ଚ ସ୍ଥାପିତ ହୋଇଥିଲା, ଯାହା ଆଜି ମଧ୍ୟ ସେଠାରେ ଥିବା ଦେଖିବାକୁ ମିଳେ। ଭୂମିଠାରୁ ପ୍ରାୟ ୫୦ ମିଟର ଉଚ୍ଚତାରେ ଏବଂ ପ୍ରାୟ ଏକ କିଲୋମିଟର କ୍ଷେତ୍ରରେ ବିସ୍ତାର ହୋଇଥିବା ଏହି କେଟେଲୋନିଆର କେଷ୍ଟେଲଫୋଲିଟ ଡେ ଲା ରୋକା ଗ୍ରାମ ପୁରାପୁରି ସଂକିର୍ଣ୍ଣ। ଏଠାରେ ଥିବା ଘର ଗୁଡିକ ପହାଡର ଶୀର୍ଷରେ ତିଆରି। ଫ୍ଲୁଭିୟା ଏବଂ ଟୋଲୋପେଲ୍ ନଦୀ ସୀମାରେ ଆସୁଥିବା ଏହି ଗ୍ରାମ ସ୍ପେନ୍‌ର ସବୁଠାରୁ ଛୋଟ ଗ୍ରାମ। ପାହାଡ ଶୀର୍ଷରେ ଥିବା ଏହି ଗ୍ରାମ କୌଣସି ବିପଦଠାରୁ କମ୍ ନୁହେଁ, କାରଣ ଏଠାକାର ଅନେକ ଘର ପାହାଡର ପୁରାପୁରି ଏଡ୍‌ଜରେ ତିଆରି।

## ହିନ୍ଦୁ ନାରୀମାନେ ସୀମନ୍ତରେ ସିନ୍ଦୂର ଲଗାନ୍ତି କାହିଁକି ?

ସୀମନ୍ତରେ ସିନ୍ଦୂର ଲଗାଇବା ସଧବା ନାରୀମାନଙ୍କର ସୂଚକ । ହିନ୍ଦୁ ବିବାହିତ ରମଣୀମାନେ ସିନ୍ଦୂର ଲଗାଇ ଥାଆନ୍ତି । କୁମାରୀ କନ୍ୟା ଓ ବିଧବା ସ୍ତ୍ରୀ ଏହା ଲଗାଇବା ନିଷେଧ । ଏହା ବ୍ୟତୀତ ସିନ୍ଦୂର ଲଗାଇବା ଦ୍ୱାରା ସ୍ତ୍ରୀମାନଙ୍କର ସୌନ୍ଦର୍ଯ୍ୟ ବୃଦ୍ଧିପାଇଥାଏ । ବିବାହ ସଂସ୍କାର ସମୟରେ ବର ନବବଧୂର ମସ୍ତକରେ ମନ୍ତ୍ରୋଚ୍ଚାରଣ ସମୟରେ ପାଞ୍ଚ ଅଥବା ସାତଥର ଦୁଇ ଆଙ୍ଗୁଠି(ବୃଦ୍ଧାଙ୍ଗୁଷ୍ଠି ଓ ବିଶି ଆଙ୍ଗୁଠି)ରେ ସିନ୍ଦୂର ପକାଇଥାଏ । ତାହାପରେ ବିବାହ କାର୍ଯ୍ୟ ସମାପ୍ତ ହୋଇଯାଇଥାଏ । ସେହିଦିନଠାରୁ ସ୍ତ୍ରୀଲୋକଟି ତା'ର ପତିର ଦୀର୍ଘାୟୁ ପାଇଁ ପ୍ରତିଦିନ ସିମନ୍ତରେ ସିନ୍ଦୂର ଲଗାଇଥାଏ । ସିମନ୍ତର ସିନ୍ଦୁର ସ୍ତ୍ରୀ ଶୃଙ୍ଗାରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ।

# ଚୀନ ତିଆରି କଲା ଅଦୃଶ୍ୟ ବ୍ରିଜ

ବେଜିଂ ବୈଷୟିକ ଜ୍ଞାନ କୌଶଳ କ୍ଷେତ୍ରରେ ଆଉଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି ଚାଇନା। ନିକଟରେ ହୁନାନ୍ ପ୍ରାନ୍ତରରେ ଏକ ଅଦୃଶ୍ୟ ବ୍ରିଜ୍ ବନାଇଛନ୍ତି ଚୀନର ଇଞ୍ଜିନିୟରମାନେ। ଦୁଇଟି ପାହାଡ଼ ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଏହି ବ୍ରିଜ୍ ତିଆରି ହୋଇଛି। ଚୀନର ସ୍ଥପତି ମାନେ କାଚରେ ଏହି ବ୍ରିଜ୍ ତିଆରି କରିଥିଲା ବେଳେ ଯାହା ଦୂରକୁ ଦୃଶ୍ୟମାନ ହେଉନାହିଁ। ବ୍ରିଜର ଲମ୍ବ ୪୩୦ମିଟର ହୋଇଥିଲା ବେଳେ ଭୂମିଠାରୁ ଏହା ୩୦୦ମିଟର ଉପରେ ରହିଛି। ଏହି ବ୍ରଜ୍ ପାଇଁ ୪୦୦ମିଲିୟନ୍ ପାଉଣ୍ଡ ଖର୍ଚ୍ଚ ହୋଇଥିବା କୁହାଯାଉଛି। ବ୍ରିଜ୍‌ର ଡିଜାଇନ୍ ଅପ୍ଟିକାଲ ଇଲ୍ୟୁଜନ୍ ଉପରେ ଆଧାରିତ।

## ଆଜିର ଭାଗ୍ୟ


**ମେଷ**
ଆଜିର ଦିନରେ ଆପଣଙ୍କ ମନ ଚଚଂଳ ରହିବ। ବିଭିନ୍ନ କାରଣରୁ ଅନ୍ୟମନସ୍କ ରହିପାରନ୍ତି। ଅନିଚ୍ଛା ସତ୍ତ୍ୱେ ବ୍ୟୟ କରିବାକୁ ପଡିପାରେ। ଗୃହ ଉପକରଣ କ୍ରୟ କରିବାରେ ବ୍ୟସ୍ତ ରହିପାରନ୍ତି। ଦିନଟି ମଧ୍ୟମ ଧରଣର ରହିବ।


**ବୃଷ**
ଆଜିର ଦିନରେ ଆପଣଙ୍କ ସବୁ କାର୍ଯ୍ୟ ସୁଚାରୁରୂପେ ହୋଇଯିବ। ଯେଉଁ ଆଡେ ଯିବେ ସେଠାରେ ସମ୍ମାନ ଲାଭ କରିପାରନ୍ତି। ଶୁଭଫଳ ପ୍ରାପ୍ତି ହୋଇପାରେ। ଧନ ପ୍ରାପ୍ତିର ଯୋଗ ରହିଛି। ଭୂମି, ଗାଡି କ୍ରୟ କରିପାରନ୍ତି।


**ମିଥୁନ**
ଆଜି ଦିନଟି ଆପେଣଙ୍କ ପାଇଁ ସେତେଟା ଭଲ ନହୋଇପାରେ। ବହୁ ପରିଶ୍ରମ ସତ୍ତ୍ୱେ କମ୍ ସଫଳତା ମିଳିବ। ହଠାତ୍ ଖର୍ଚ୍ଚାନ୍ତରେ ପଡିପାରେନ୍ତି। ଗୁପ୍ତ ଚିନ୍ତା ଲାଗି ରହିବ। ପ୍ରେମ କ୍ଷେତ୍ରରେ ଚିନ୍ତିତ ରହିବେ।


**କର୍କଟ**
ଯେଉଁ କର୍ମରେ ହାତ ଦେବେ ସେଠାରୁ ସଫଳତା ପ୍ରାପ୍ତି ହେବ। ବିଭିନ୍ନ ଦିଗରୁ ଲାଭବାନ୍ ହୋଇପାରନ୍ତି। ନୂତନ କର୍ମ ଆରମ୍ଭ ପାଇଁ ଆଜିର ଦିନଟି ଆପଣଙ୍କ ପାଇଁ ଶୁଭ ହୋଇପାରେ। ବିଭିନ୍ନ ସ୍ଥାନରୁ ପ୍ରତିଶୃତି ମିଳିବ।


**ସିଂହ**
ପରିଶ୍ରମ ତଥା ନିଜର ବୁଦ୍ଧି ବିବେକ ବଳରେ ଫଳ କରାୟତ କରିବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପିତୃବର୍ଗୀୟ ଲୋକଙ୍କର ସାନ୍ନିଧ ଲାଭ କରିବେ। ହଠାତ୍ ଦୂର ସ୍ଥାନକୁ ଭ୍ରମଣ କରିପାରନ୍ତି।


**କନ୍ୟା**
ହତାଶ ଓ ନିରାଶକ୍ଷ ମଧ୍ୟ ଦେଇ ଦିନଟି ଗତି କରିବ। ଧାର୍ମିକ ମନଭାବ ସୃଷ୍ଟି ହେବା ସହ ଧର୍ମ ଦିଗରେ ମନବଳାଇବେ। ଅବସାଦରୁ ମୁକ୍ତି ପାଇଁ ନିଜର ଇଷ୍ଟ ଦେବଙ୍କୁ ପ୍ରାର୍ଥନା କରନ୍ତୁ। ଆୟ ଅପେକ୍ଷା ବ୍ୟୟ ଅଧିକ ହେବ।


**ତୁଳା**
ଶରୀରରେ ପୀଡା ଅନୁଭବ କରିପାରନ୍ତି। ହଠାତ୍ ଖର୍ଚ୍ଚାନ୍ତରେ ପଡିବା ସମ୍ଭାବନା ରହିଛି। ଭାବି ଚିନ୍ତି କାର୍ଯ୍ୟ କରନ୍ତି ନଚେତ୍ ଅପମାନ ପାଇବା ଆଶା ରହିଛଇ। ଅଯଥା ଚିନ୍ତା ଆପଣଙ୍କୁ ଭାରାକ୍ରାନ୍ତ କରିବ।


**ବିଛା**
କାର୍ଯ୍ୟପୂର୍ଣ୍ଣ ହେବାର ସମସ୍ତ ସୁଯୋଗ ଥିବା ସତ୍ତ୍ୱେ କାମଟି ଛୁଲା ଅବସ୍ଥାରେ ରହିବ। ନିଜପ୍ରତି ଧ୍ୟାନ ଦେବା ଉଚିତ୍ କାରଣ ଶରୀରରେ ଅଘାତ ଲାଗବାର ସମ୍ଭାବନା ରହିଛି। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ମନ ଉଦାସ ରହିପାରେ।


**ଧନୁ**
ଆଜି ଦିନରେ ଆପଣ ଶତ୍ରୁମାନଙ୍କଠାରୁ ବିଜୟ ପ୍ରାପ୍ତ କରିପାରନ୍ତି। ନୂତନ କାର୍ଯ୍ୟସ୍ଥଳକୁ ଯାଇ ପୁରାତନ କାର୍ଯ୍ୟସ୍ଥଳ ତ୍ୟାଗ କରିପାରନ୍ତି। ଅନେକ ସ୍ଥରରୁ ବିପରିତ ଫଳ ମିଳିପାରେ ତଥା ଶରୀରରେ ବିଭିନ୍ନ ପ୍ରକାର ପୀଡା ଅନୁଭବ କରିପାରନ୍ତି।


**ମକର**
ଆର୍ଥିକ ସ୍ଥିତି ମନକୁ ଅସ୍ଥିତର କରିପାରେ। ଅର୍ଥ ଋଣ କରିପାରନ୍ତି। ସନ୍ତାନ ସନ୍ତତିଙ୍କୁ ନେଇ ଚିନ୍ତିତ ରହିବା ସହ ମାତୃ ସମ୍ବନ୍ଧିୟ ଚିନ୍ତା ମଧ୍ୟ ରହିବ। ଆଜିର ଦିନଟି ସେତେଟା ଆପଣଙ୍କ ପାଇଁ ଭଲ ନହୋଇପାରେ।


**କୁମ୍ଭ**
ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ଶରୀରର କୌଣସି ଅଙ୍ଗରେ ଆଘାତ ଲାଗିପାରେ। ମାନ ସମ୍ମାନ କ୍ଷେତ୍ରରେ ଜଗି ରଖି ଚଳନ୍ତୁ ନଚେତ୍ ମାନହାନୀ ଘଟିପାରେ। ହଠାତ୍ କୌଣସି ଖବର ପାଇଁ ମନ ଚିନ୍ତିତ


**ମୀନ**
ଦୂର ସ୍ଥାନକୁ ଯାତ୍ରା କରପାରନ୍ତି। ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଦ୍ରବ୍ୟ ନଷ୍ଟ କିମ୍ବା ଶରୀରରେ ପୀଡା ଭୋଗି ପାରନ୍ତି। ବିଭିନ୍ନ ଦିଗରୁ ଅପମାନିତ ହେବା ଆଶଙ୍କା ରହିବି।

# ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ । ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି । ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତ୍ତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ । ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ



ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

# ବ୍ୟସ୍ତ ବହୁଳ ଦ୍ୱୀପ



ଯଦି କୌଣସି ଦ୍ୱୀପ ସମ୍ପର୍କରେ ଚିନ୍ତା କରୁଛନ୍ତି ଛୋଟ ଛୋଟ ସ୍ଥାନରେ ସବୁଜ ରଙ୍ଗ ସମ୍ମୁଖକୁ ଆସିଥାଏ। କିନ୍ତୁ ଏହି ଦ୍ୱୀପ ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଏହି ଦ୍ୱୀପ ନାମ ଜାଣିଲେ ଆପଣ ଚିନ୍ତା କରିପାରନ୍ତି ଏଠାରେ ଗୋଟିଏ ମଧ୍ୟ ଗଛ ନଥିବ। କେବଳ ପଥର ଓ ପାହାଡିଆ ସ୍ଥାନ ହୋଇଥିବ। ସାଉଥ ଆଫ୍ରିକାର ଲେକ୍ ବ୍ୟାକ୍ୱରିଆ ଏକ ଛୋଟ ଦ୍ୱୀପ ରହିଛି। ଯାହାର ନାମ ମିଗିନଗୀ। ଏହା ଏକ ପଥୁରିଆ ଦ୍ୱୀପ। ପ୍ରାୟ ଅଧା ଏକର ଜାଗାରେ ଏହି ଦ୍ୱୀପ ରହିଛି । ସବୁ ସମୟରେ ଏହି ଦ୍ୱୀପକୁ ଲୋକେ ଯିବା ଆସିବା କରିଥାନ୍ତି। ୨୦୦୯ ସେନସସ୍ ଅନୁଯାୟୀ ଏଠାରେ ୧୩୧ ଲୋକ ରହୁଥିଲେ। ଏହି ଛୋଟ ସ୍ଥାନରେ ପାଞ୍ଚଟି ବାର୍ ରହିଛି। ଏହା ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ଦ୍ୱୀପ ।




# ସଡ଼କ ସୁରକ୍ଷା ଆମ ଦାୟିତ୍ୱ



ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ହେଉଥିବାବେଳେ ସବୁଠାରୁ ମର୍ମାହତ କଲାପରି ଦୁଃଖଦ ଖବରଟି ହେଉଛି ପ୍ରତିବର୍ଷ ସମଗ୍ର ବିଶ୍ୱରେ ୧.୨୫ ନିୟୁତ ଲୋକ ରାସ୍ତା ଦୁର୍ଘଟଣାର ଶିକାର ହେଉଥିବାବେଳେ ୨୫ ନିୟୁତରୁ ଉର୍ଦ୍ଧ୍ୱ କ୍ଷତାକ୍ତ ହେଉଛନ୍ତି। ପରବର୍ତ୍ତୀ ସମୟରେ ଏହି କ୍ଷତାକ୍ତଙ୍କ ଭିତରୁ କେତେକ ଜୀବନ ତମାମ ବିକଳାଙ୍ଗ ହେଉଥିବାରୁ ଛାତିଥରା ଘଟଣାକୁ ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରକାଶ କରିଛି। ତେବେ ଦୁଃଖଦ ଖବର ହେଉଛି ରାସ୍ତା ଦୁର୍ଘଟଣାରେ ଜୀବନ ଯାଉଥିବା ଲୋକସଂଖ୍ୟା ୧୦ ପ୍ରତିଶତ କେବଳ ହିଁ ଭାରତରେ। ଭାରତରେ ପ୍ରତିବର୍ଷ ପାଖାପାଖି ୫ଲକ୍ଷରୁ ଉର୍ଦ୍ଧ୍ୱ ସଡ଼କ ଦୁର୍ଘଟଣା ଘଟୁଥିଲେ ବି ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ଜଣଙ୍କ ଅକାଳରେ ଜୀବନ ଯାଉଛି। କିଶୋର ଓ ଯୁବବର୍ଗ ଅର୍ଥାତ୍ ୧୮ରୁ ୧୫ ବର୍ଷ ବୟସ୍କ ଯୁବ ଭାରତୀୟ ମାନଙ୍କ ଭାଗ ହେଉଛି ଶତକଡ଼ା ୪୪। ୨୦୧୭ରେ ଓଡ଼ିଶାରେ ୪୪୧୯ଟି ରାସ୍ତା ଦୁର୍ଘଟଣାରେ ୪୬୧୦ଜଣଙ୍କ ଜୀବନ ଚାଲିଯାଉଥିବାବେଳେ ୨୦୧୮ରେ ୫୨୩୪ଟି ରାସ୍ତା ଦୁର୍ଘଟଣା ୫୫୮୧ଜଣଙ୍କ ଜୀବନ ନେଇଛି। ସେହିପରି ନ୍ୟାସନାଲ କ୍ରାଇମ ରିସର୍ଚ୍ଚ ବ୍ୟୁରୋର ତଥ୍ୟ କହୁଛି କି ଯେ ୨୦୧୮ରେ ଦେଶରେ ସବୁଠାରୁ ଅଧିକ ହିଟ୍ ଆଣ୍ଡ ରନ୍ ଘଟଣା ସଂଗଠିତ ହେଉଛି ଓଡ଼ିଶାରେ। ଏହି ରାଜ୍ୟରେ ୪୩୧୨ଟି ଏହି ପର୍ଯ୍ୟାୟର ଘଟଣାରେ ୪୪୪୪ ଜଣଙ୍କ ଜୀବନ ଚାଲିଯାଇଛି। ନିଶାଗ୍ରସ୍ତ ହୋଇ ଗାଡ଼ି ଚଳାଇ ଅନ୍ୟ ମାନଙ୍କ ପ୍ରମୁଖ ଜୀବନ ନେଇଥିବା ଚାରୋଟି ରାଜ୍ୟ ଭିତରୁ ଓଡ଼ିଶାର ସ୍ଥାନ ମଧ୍ୟ ରହିଛି। ୨୦୧୮ ମସିହାରେ ନିଶାଜନିତ ବେପରୁଆ ଗାଡ଼ି ଚାଳନାରେ ସର୍ବାଧିକ ୨୩ ପ୍ରତିଶତ ଉତ୍ତରପ୍ରଦେଶରେ ଘଟିଥିବାବେଳେ ଓଡ଼ିଶାରେ ୬.୫ ଶତାଂଶ ଦୁର୍ଘଟଣା ଘଟିଛି। ଗତ ଦଶ ବର୍ଷ ଭିତରେ ଓଡ଼ିଶାରେ ୪୩୩୧୨ଜଣ ବ୍ୟକ୍ତିଙ୍କର ରାସ୍ତା ଦୁର୍ଘଟଣାରେ ଜୀବନ ଚାଲିଯାଇଛି। ଗତବର୍ଷ ସେପ୍ଟେମ୍ବର ମାସରୁ ଓଡ଼ିଶାରେ ସଂଶୋଧିତ ମୋଟରଯାନ ଆଇନ ଲାଗୁ ହୋଇଛି। ଏହାପର ଠାରୁ ରାସ୍ତା ଦୁର୍ଘଟଣା ଓ ତତ୍‌ଜନିତ ଦୁଃଖଦ ମୃତ୍ୟୁ ସଂଖ୍ୟା ପୂର୍ବ ବର୍ଷ ଅନୁଯାୟୀ କମିଛି। ସର୍ବଶେଷ ତଥ୍ୟ ଅନୁଯାୟୀ ଗତ ଅକ୍ଟୋବର ମାସରେ ପୂର୍ବ ତୁଳନାରେ ୧୯% ରାସ୍ତା ଦୁର୍ଘଟଣା ହ୍ରାସ ପାଇଛି। ପ୍ରତିବର୍ଷ ଜାନୁଆରୀ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପ୍ରତିବର୍ଷ ପରି ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ହୁଏ। ଚଳିତ ବର୍ଷ ଏହା ହେଉଛି ୨୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ। ଭାରତ ସରକାରଙ୍କ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ନିୟମିତ ପ୍ରତିବର୍ଷ ଏହି ସପ୍ତାହ ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ପାଳନ କରିଥାନ୍ତି। ସେହିପରି ୨୦୧୧ ମସିହାରୁ ଜାତୀୟ ସୁରକ୍ଷା ପରିଷଦ ଏଥିନିମିତ୍ତ ବ୍ୟାପକ ସାହାଯ୍ୟ ସହଯୋଗ ପ୍ରଦାନ କରୁଛି। ୩୦ବର୍ଷ ତଳ ପୁରୁଣା ମୋଟର ଯାନ ଆଇନ ସଂଶୋଧନ ହୋଇ ୨୦୧୯ ସେପ୍ଟେମ୍ବର ଠାରୁ ଦେଶରେ ନୂତନ ମୋଟର ଯାନ ଆଇନ ପ୍ରବର୍ତ୍ତନ ହୋଇଛି। ସରକାରଙ୍କୁ ଏହି କ୍ଷେତ୍ରରେ ଅନେକ ବେସରକାରୀ ସଂଗଠନମାନେ ସାହାଯ୍ୟ ସହଯୋଗ କରୁଛନ୍ତି। ସାଧାରଣରେ ମଧ୍ୟ ସଚେତନ ବଢ଼ିବା ସହ ରାସ୍ତା ଦୁର୍ଘଟଣା କମିବାରେ ଲାଗିଛି।

ଏବେ ବାସ୍ତବ ପୃଷ୍ଠଭୂମିକୁ ଆସିବା। ବିଶ୍ୱର ଅନ୍ୟସବୁ ଦେଶରେ ତ ପ୍ରାଚୁର୍ଯ୍ୟ ବଢ଼ୁଛି। ସେଥିସହ ସେ ଦେଶରେ ଯାନବାହାନ ଚଳାଚଳ ନିଶ୍ଚିତ ରୂପେ ବଢ଼ୁଥିବ। ସେସବୁ ଦେଶରେ ତା'ହେଲେ ଏହି ମାତ୍ରାରେ ଦୁର୍ଘଟଣା ବଢ଼ିବା କଥା। ହେଲେ ବାସ୍ତବ ଚିତ୍ର ତାହା ନୁହେଁ। କିନ୍ତୁ ଭାରତ ଏବେ ବିଶ୍ୱର ଅନ୍ୟତମ ଦୁର୍ଘଟଣାପ୍ରବଣ ରାଷ୍ଟ୍ରରେ ପରିଣତ ହୋଇଛି ଓ ଖୁବ୍ ଶୀଘ୍ର ଏହା ହୁଏତ ଏକନମ୍ବର ସ୍ଥାନ ଅଧିକାର କରିପାରେ। ପୂର୍ବବର୍ଣ୍ଣିତ ତଥ୍ୟରୁ ଜଣାପଡ଼ିଛି, ବିପଜ୍ଜନକ ବେଗରେ ଓ ଦାୟିତ୍ୱହୀନ ଭାବେ ଯାନବାହନ ଚାଳନା ଭାରତରେ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ। ଯଦି ଏହା ସତ୍ୟ ହୋଇଥାଏ, ତା'ହେଲେ ଆମକୁ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ଅଧିକାଂଶ ଦୁର୍ଘଟଣା ମାନବକୃତ। କାରଣ ନିଜର ଯାନଟିକୁ କେଉଁ ପ୍ରକାରେ ସର୍ବସାଧାରଣ ରାସ୍ତାରେ ଚଳାଇବାକୁ ପଡ଼ିବ ଓ ତାହାକୁ କିପରି ଭାବେ ନିୟନ୍ତ୍ରଣ ରଖାଯିବା ଚାହି ସେକଥା ହୁଏତ ପରାମର୍ଶ ଦିଆଯାଇପାରେ, କିନ୍ତୁ ତାକୁ ମାନି ଗାଡ଼ିଚାଳନା କରିବା ଦାୟିତ୍ୱ ଆମ ସମସ୍ତଙ୍କର। ବେଳେବେଳେ ଏପରି ଘଟେ ଯେ ସମସ୍ତଙ୍କ ଦାୟିତ୍ୱ କାହାରି ବୋଲି ପ୍ରତୀୟ ହୁଏନାହିଁ। ଏହା ଏକ ବିପଜ୍ଜନକ ଓ ରଗ୍‌ଣ ମାନସିକତା। ଏ ବିକୃତି ଆମକୁ ଧୀରେ ଧୀରେ ଗୋଟାପଣେ ଗ୍ରାସ କରିବାକୁ କରିବାକୁ ବସିଲାରି। ୧୯୮୦ ଦଶକରେ ଦେଶରେ ଯାନବାହନ ସଂଖ୍ୟା ଯେତିକି ଥିଲା ଏବେ ତାହା ଶହେଗୁଣ ବଢ଼ି ସାରିଲାଣି। ପ୍ରତିଦିନ ଭାରତୀୟ ସଡ଼କକୁ ପ୍ରାୟ ୧୦ ହଜାରରୁ ଅଧିକ ନୂଆ ଗାଡ଼ି ଓହ୍ଲାଏ। ସେଥିରୁ ଅର୍ଦ୍ଧାଧିକ ହେଲା ଦୁଇଚକିଆ ଯାନ। ଏକଥା ସଡ଼କ ପରିଚାଳନା ବିଶେଷଜ୍ଞମାନେ ବିଶ୍ୱବ୍ୟାପୀ ସ୍ୱୀକାର କରିଛନ୍ତି ଯେ ଯେଉଁ ସଡ଼କରେ ଅଧିକ ଦୁଇଚକିଆ ଯାନ ଚାଲେ, ସେଠାରେ ଦୁର୍ଘଟଣା ଅଧିକ ଘଟେ। ଭାରତ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏକଥା ସ୍ୱୀକାର୍ଯ୍ୟ ଯେ ଦେଶର ସଡ଼କଗୁଡ଼ିକର ଅବସ୍ଥା ଗୁଣାତ୍ମକ ମାନ ଢ଼େର ବୃଦ୍ଧି ପାଇଛି। କିନ୍ତୁ ଏହାର ମଧ୍ୟ ଏକ ବିପରୀତମୁଖୀ ପ୍ରଭାବ ରହିଛି। ତାହା ହେଲା ସଡ଼କ ଭଲ ହେଲେ ଯାନବାହନର ବେଗ ମାତ୍ରାଧିକ ଭାବେ ବଢ଼ିଯାଉଛି। ଏହି ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଦେଶରେ ଘଟୁଥିବା ଦୁଇଚକିଆ ଯାନ ଦୁର୍ଘଟଣାର ସିଂହଭାଗ ହେଲେ ଯୁବଚାଳକ। ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଟ୍ରାଫିକ ନିୟମ ସଂପର୍କରେ ସୀମିତ ଜ୍ଞାନ ଅଥବା ଏହାକୁ ଆଦୌ ନମାନିବା ଦ୍ୱାରା ଏପରି କାଣ୍ଡ ଘଟୁଛି। ସଡ଼କ ଦୁର୍ଘଟଣା ଆମ ଦେଶରେ ପ୍ରତିବର୍ଷ ପ୍ରାୟ ଅଢ଼େଇ ଲକ୍ଷ ଲୋକଙ୍କୁ ସାରା ଜୀବନ ପାଇଁ ବିକଳାଙ୍ଗ କରିଦେଉଛି। ତାହା ପୁଣି ମାସ ମାସର ମହାର୍ଘ ଚିକିତ୍ସା ପରେ। କାରଣ ଦୁର୍ଘଟଣାର ଶିକାର ହେଉଥିବା ଅଧିକାଂଶ ଗାଡ଼ି ଚାଳକଙ୍କ ମସ୍ତିଷ୍କରେ ଜୋର ଆଘାତ ଲାଗିଥାଏ। ସେଥିପାଇଁ ସେମାନଙ୍କ ଠାରେ ଅସ୍ତ୍ରୋପଚାର କିମ୍ବା ଦୀର୍ଘଦିନର ଚିକିତ୍ସା କରିବାକୁ ପଡ଼ିଥାଏ। ଏଭଳି ଗୁରୁତର ଆହତଙ୍କ ଚିକିତ୍ସା ସବୁ ସ୍ଥାନରେ ଓ ସମସ୍ତଙ୍କ ପାଇଁ ଏଯାବତ୍ ଉପଲବ୍ଧ ହୋଇପାରିନାହିଁ। ତା'ଛଡ଼ା ଆଜିକାଲି ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପ୍ରାୟ ସମାନ ମାତ୍ରାରେ ଗୁରୁତର ଦୁର୍ଘଟଣା ଘଟୁଥିବା ଅଧ୍ୟୟନରୁ ଜଣାପଡ଼ିଛି। ତା' ଅର୍ଥ ଅନିୟନ୍ତ୍ରିତ ଓ କ୍ଷିପ୍ର ଡ୍ରାଇଭିଂ ହିଁ ଏହାର ଏକମାତ୍ର କାରଣ। ବିଶେଷକରି ଦୁଇଚକିଆ ଯାନ ଓ ଟ୍ରକ ସର୍ବାଧିକ ଦୁର୍ଘଟଣାପ୍ରବଣ ଯାନ ବୋଲି ଜଣାପଡ଼ିଛି। ସମାଜଶାସ୍ତ୍ରୀମାନଙ୍କ ଚିନ୍ତା ଯେ, ଯେହେତୁ ଦୁର୍ଘଟଣାରେ ଅଧିକାଂଶ ଯୁବବର୍ଗର ଲୋକ ଶରବ୍ୟ ହୋଇପଡୁଛନ୍ତି, ସେମାନେ ଚିକିତ୍ସା ପରେ ସୁଦ୍ଧା ସଂପୂର୍ଣ୍ଣ ଉପାର୍ଜନକ୍ଷମ ହୋଇପାରି ପରିବାର ଓ ନିଜ ଉପରେ ନିର୍ଭରଶୀଳ ହେବାକୁ ବାଧ ହେଉଛନ୍ତି। ସଡ଼କ ସୁରକ୍ଷା ପାଇଁ ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ସଚେତନ କରାଇବା ଦାୟିତ୍ୱ ଆମ ସମସ୍ତଙ୍କର।

**ଅଭୟ କୁମାର ଦାସ, ଗୋତରା, ମାହାଙ୍ଗା, କଟକ, ଦୂରଭାଷ: ୯୪୩୭୧୪୨୭୧୭**

# ପାରାନଏଡ଼୍ ସିଜୋଫ୍ରେନିଆ ଓ ସାଇକୋପାଥ୍



ଭୁବନେଶ୍ୱର (ପିଏନ୍): ନିକଟରେ ଓଡ଼ିଶାରେ ଚହଳ ପକାଇଥିଲା ଏକ ଘଟଣା। ନିଠାରୀ ଗଣହତ୍ୟା ଘଟଣାର ପୁର୍ନାବୃତ୍ତି ପରି ଜଣେ ଯୁବକ ପାଞ୍ଚ ଜଣ ମହିଳାଙ୍କୁ ବଳାତ୍କାର ପରେ ତଣ୍ଟି କାଟି ବିଭତ୍ସ ଭାବେ ହତ୍ୟା କରିଥିଲା। ପୋଲିସ ଏହାକୁ ନିଷ୍ଠୁର, ମାନସିକ ବିକୃତ ଓ ଯୌନ ପିପାସୁ ହତ୍ୟାକାରୀ ବୋଲି ତଦନ୍ତ ପରେ ସୂଚନା ଦେଇଛି। ଏହା ମାନସିକ ରୋଗ ଚିକିତ୍ସା ବିଜ୍ଞାନୀ କ୍ଷେତ୍ରରେ କୁହାଯାଏ ପାରାନଏଡ଼ ସିଜୋଫ୍ରେନିଆ। ଏଥିରେ ଆକ୍ରାନ୍ତ ବ୍ୟକ୍ତି ବା ଚରିତ୍ର ଜଣକ ସାଧାରଣତଃ ପାରାନଏଡ଼୍ ସିଜୋଫ୍ରେନିଆ କିମ୍ବା ପାରାନୋୟାରେ ଆକ୍ରାନ୍ତ ହୋଇଥାନ୍ତି। ଅନେକ ହୁଏତ ଜାଣିନଥାନ୍ତି ଗୋଟିଏ ପରେ ବଳାତ୍କାର ପରେ ହତ୍ୟା କରିଚାଲିଥିବା ବ୍ୟକ୍ତି ମାନସିକ ବିକୃତ ସମ୍ପନ୍ନ ନୁହେଁ। ଏହି ରୋଗର ମୁଖ୍ୟ ଲକ୍ଷଣ ହେଉଛି ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟ ମାନଙ୍କ ପ୍ରତି ସର୍ବଦା ସନ୍ଦେହ ସୃଷ୍ଟି। କେବଳ ସେତିକି ନୁହେଁ ଏମାନେ ପୁରୁଷମାନଙ୍କ ଠାରୁ ଅଧିକ ଭାବରେ ମହିଳାଙ୍କୁ ହିଁ ସନ୍ଦେହ କରିଥାନ୍ତି। ସନ୍ଦେହ କରୁଥିବା ବ୍ୟକ୍ତିକୁ ସେ ଜୀବନରେ ମାରିଦେବାକୁ ଚେଷ୍ଟା କରିଥାଏ ଆଉ ସନ୍ଦେହ ଦୃଷ୍ଟିରେ ଆସୁଥିବା ମହିଳାକୁ ସେ ସର୍ବଦା ସୁଯୋଗ ଖୋଜୁଥାଏ। ସଂପୃକ୍ତ ମହିଳା ଏହି ସିଜୋଫ୍ରେନିଆ ଆକ୍ରାନ୍ତ ଚରିତ୍ରର ନିକଟତର ହେବା ପରେ ବଳାତ୍କାର କରି କାଳେ ଏ ଘଟଣା ବାହାରକୁ ପରିପ୍ରକାଶ ହୋଇଯିବ ତାଙ୍କୁ ମାରିଦେଇଥାଏ। ସେହିପରି ସାଇକୋପାଥ୍ ମଧ୍ୟରେ ବିଭିନ୍ନ ପ୍ରକାର ମାନସିକ ବିକାରଗ୍ରସ୍ତ ଓ ଯୌନ ବିକାରଗ୍ରସ୍ତ ଏହି ପର୍ଯ୍ୟାୟରେ ରୁହନ୍ତି। ପୂର୍ବର କୌଣସି ଘଟଣା ବା ଅଘଟଣରୁ ସୃଷ୍ଟି ହେଉଥିବା ଘୃଣା ବା ବିଦ୍ୱେଷ ପରବର୍ତ୍ତୀ ସମୟରେ ଜମାଟ ବାନ୍ଧିଯାଏ। ସେ ସମୟରେ କୌଣସି ସ୍ତ୍ରୀଲୋକକୁ ଏହି ବିକାରଗ୍ରସ୍ତ ଚରିତ୍ରଟି ଦେଖେ ସେ ନିଜକୁ ନିୟନ୍ତ୍ରଣରେ ରଖି ନପାରି ଗାଳି, ମାଡ଼, ନିନ୍ଦା ସହି ମଧ୍ୟ ତାର ପାଗଳାମିକୁ ପରିତ୍ୟାଗ କରିନଥାଏ। ତାହାର ଅସ୍ୱାଭିକ ଆଚାରଣରେ ଲୋକେ ଅତ୍ୟନ୍ତ ଅତିଷ୍ଠ ହୋଇଥାନ୍ତି। ଏମାନଙ୍କର ଚିକିତ୍ସା ଅତ୍ୟନ୍ତ ଜରୁରୀ। ନଚେତ ସେମାନେ ସମାଜର ବହୁତ କ୍ଷତି ପହଞ୍ଚାଇଥାନ୍ତି। ଜଣଙ୍କର ଜୀବନ ନେବା ତାଙ୍କ ପାଇଁ ଅତି ସାଧାରଣ ଘଟଣା ପାଲଟିଥାଏ। ସେମାନେ ନିଜେ କ'ଣ ଭାବୁଛନ୍ତି ବା କରୁଛନ୍ତି ତାହା ନିଜେ ମଧ୍ୟ ବୁଝିନଥାନ୍ତି। ଏହି ଚରିତ୍ରମାନେ ସାଇକୋପାଥ୍ ପର୍ଯ୍ୟାୟରେ ଆସିଥାନ୍ତି। ମନୁଷ୍ୟର ପାଗଳାମୀ, ଉନ୍ମାଦତା ବା ବାଉଳତାକୁ ସାଧାରଣତଃ ସିଜୋଫ୍ରେନିଆ କୁହାଯାଏ। କଥା ହେଉଛି ଏହାକୁ ନେଇ ଲୋକମାନେ ଯାହା ଭାବନ୍ତି ବାସ୍ତବରେ କିନ୍ତୁ ଏହା ତାହା ନୁହେଁ। ସିଜୋଫ୍ରେନିଆ ମନୁଷ୍ୟର ବିଭ୍ରମ ବ୍ୟକ୍ତିତ୍ୱ ବା ବିକୃତ ବ୍ୟକ୍ତିତ୍ୱ ନୁହେଁ। କେବଳ ଏହା ଏକ ସାଙ୍ଘାତିକ ଓ ଜଟିଳ ମାନସିକ ରୋଗ। ସାଧାରଣତଃ କିଶୋର ବୟସରେ ଆରମ୍ଭ ହୋଇଥାଏ ସିଜୋଫ୍ରେନିଆ। ଏହି ରୋଗରେ ବ୍ୟକ୍ତିର ଚିନ୍ତାଶକ୍ତି, ଭାବନା ଶକ୍ତି, ଅନୁଭବ ଶକ୍ତି ଓ ବ୍ୟବହାରରେ ଅତ୍ୟନ୍ତ ବିଶୃଙ୍ଖଳା ଦେଖାଦେଇଥାଏ। କେତେକ କ୍ଷେତ୍ରରେ ରୋଗୀଟି ଅତ୍ୟଧିକ ଉତ୍ତେଜିତ ବା ହିଂସ୍ର ହୋଇପଡ଼ିଥାଏ ଆଉ ବେଳେ ବେଳେ ଆତ୍ମ ମଗ୍ନତାର ଶିକାର ହୋଇ ଏକା ଏକା ନିଜ ଜଗତ ବିଷୟରେ ତନ୍ମୟ ହୋଇପଡ଼େ। ଏହାର ପ୍ରଧାନ ଲକ୍ଷଣ ଗୁଡ଼ିକ ହେଉଛି ଅନ୍ୟକୁ ସନ୍ଦେହ, ଅବିଶ୍ୱାସ, ଅବାନ୍ତରଭୟ, ତୀବ୍ର ଭୟଜନିତ ଆବେଗ, ଭ୍ରାନ୍ତ ଚିନ୍ତା କାନରେ କିଛି ଅଲୌକିକ କଥା ଶୁଣିବା, ଚକ୍ଷୁରେ କିଛି ଅଲୌକିକ କଥା ଦେଖିବା ଅସ୍ୱାଭାବିକ ବ୍ୟବହାର ନିଜ ଶରୀର, କର୍ତ୍ତବ୍ୟ ପ୍ରତି ଅବହେଳା, ଅନିଦ୍ରା ଜନିତ ଶାରୀରିକ ଦୁର୍ବଳତା। ଏହି ରୋଗୀମାନେ ସ୍ୱଭାବିକ ବ୍ୟବହାର କରନ୍ତି ନାହିଁ। ଏକ ପରିସଂଖ୍ୟାନରୁ ଜଣାପଡ଼େ ଯେ ଆମ ଦେଶରେ ଶତକଡ଼ା ଏକ ଭାଗ ଲୋକ ଏହି ରୋଗର ଶିକାର। ମନୁଷ୍ୟ ଜୀବନର ସବୁଠାରୁ ମୂଲ୍ୟବାନ ସମୟ କୁହାଯାଉଥିବା ୧୫ରୁ ୪୫ ବର୍ଷ ବୟସ ମଧ୍ୟରେ ଏହା ଆରମ୍ଭ ହୋଇଥାଏ। ସିଜୋଫ୍ରେନିଆର ମୁଖ୍ୟ ଲକ୍ଷଣ ହେଉଛି ଏହି ରୋଗର ଶୀକାର ହୋଇଥିବା ରୋଗୀମାନେ ସେମାନଙ୍କ ମନସ୍ଥିର ରହିନଥାଏ। ଚିଡ଼ି ଚିଡ଼ି ହୁଅନ୍ତି, ଅନ୍ୟମନସ୍କ ରୁହନ୍ତି। କିଛି କାମ ନକରି ଲକ୍ଷ୍ୟହୀନ ଭାବରେ ବୁଲି ସମୟ ନଷ୍ଟ କରିଥାନ୍ତି। କେବଳ ସେତିକି ନୁହେଁ ଭୋକ ହୋଇନଥାଏ, ନିଦ୍ରାରେ ବ୍ୟାଘାତ ହୁଏ ସର୍ବୋପରି ନିଜର ସାଙ୍ଗ, ବନ୍ଧୁବାନ୍ଧବ ଓ ସମସ୍ତ ପ୍ରକାର ସାମାଜିକ କାର୍ଯ୍ୟରୁ ଦୂରେଇ ରୁହନ୍ତି। ଅନେକ ସମୟରେ ଅସତ୍ୟ କଥା ଉପରେ ରୋଗୀର ଦୃଢ଼ ଧାରଣା ଦେଖି ସିଜୋଫ୍ରେନିଆ ହୋଇଥିବାର ଜଣାପଡ଼େ। ଏ କ୍ଷେତ୍ରରେ ରୋଗୀଟିକୁ ପ୍ରାଥମିକ ସ୍ତରରେ ମାନସିକ ରୋଗ ବିଶେଷଜ୍ଞଙ୍କ ନିକଟକୁ ନିଅନ୍ତୁ। ଏହି ସ୍ତରରେ ଚିକିତ୍ସା ଆରମ୍ଭ ହେଲେ ରୋଗଟି ସମ୍ପୂର୍ଣ୍ଣ ଭଲ ହେବାର ସମ୍ଭାବନା ବେଶୀଥାଏ। ରୋଗୀ ମାନଙ୍କୁ ଡାକ୍ତରୀ ଚିକିତ୍ସା, ମନସ୍ତାତ୍ତ୍ୱିକ ଚିକିତ୍ସା ଓ ସାମାଜିକ ଥଇଥାନ ଦ୍ୱାରା ଆରୋଗ୍ୟ ପାଇଁ ପ୍ରଚେଷ୍ଟା ରଖାଯାଇଥାଏ। ଡାକ୍ତରୀ ଚିକିତ୍ସାରେ ରୋଗୀଟି ପାଇଁ ହାଲୋପେରିଡଲ, ଓଲାନଜାପିନ୍, ରିସ୍‌ପେରିଡ଼ନ୍, ଆମିସଲ୍‌ପିରାଇଡ଼୍ ଆଦି ଔଷଧ ବ୍ୟବହାର କରାଯାଏ। ମନସ୍ତାତ୍ତ୍ୱିକ ଚିକିତ୍ସା ବା ସାଇକୋଥେରାପିରେ ରୋଗୀଟି ପାଇଁ ପରିବାର ଓ ବନ୍ଧୁ ମାନଙ୍କ ଠାରୁ ଉତ୍ସାହ, ସାହାଯ୍ୟ ସହଯୋଗ ରୋଗକୁ କିଛିକାଂଶରେ ପ୍ରଶମିତ କରିଥାଏ। ସାମାଜିକ ଥଇଥାନ କ୍ଷେତ୍ରରେ ରୋଗୀଟି ଆରୋଗ୍ୟ ଲାଭ ପରେ ତାର କାର୍ଯ୍ୟ ଦକ୍ଷତା ପାଇଁ ଏକ ଉପାର୍ଜନକ୍ଷମ କାର୍ଯ୍ୟରେ ଲଗାଇବା ଉଚିତ। ଯାହାଦ୍ୱାରା ନିଜ ଉପରେ ଆତ୍ମବିଶ୍ୱାସ କରି ସମାଜରେ ସୁସ୍ଥଲୋକ ପରି ଚଳିବାକୁ ସେ ସମର୍ଥ ହୋଇପାରିଥାଏ। ଚିକିତ୍ସା ପଦ୍ଧତିରେ ରୋଗୀଟିର ନିକଟ ଲୋକମାନେ ଚିକିତ୍ସକଙ୍କୁ ସମସ୍ତ ପ୍ରକାର ତଥ୍ୟ ପ୍ରଦାନ କରି ରୋଗୀଟିକୁ ଚିକିତ୍ସା ପାଇଁ ଉତ୍ସାହିତ କରିବା ସହ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ତାଙ୍କୁ ଆଶ୍ୱାସନା ଦେବା ବଡ଼କଥା। ସେହିପରି ଔଷଧକୁ ଯେପରି ରୋଗୀଟି ନିୟମିତ ଓ ନିର୍ଦ୍ଧାରିତ ସମୟରେ ଖାଇବ ସେଥିପ୍ରତି ନଜର ରଖିବା ଉଚିତ। ରୋଗୀଟି କରୁଥିବା ଛୋଟ ଛୋଟ କାର୍ଯ୍ୟକୁ ଦେଖି ପ୍ରଶଂସା କଲେ ତାର କାର୍ଯ୍ୟଦକ୍ଷତା ଓ ଆତ୍ମ ବିଶ୍ୱାସ ବଢ଼ିବ। ରୋଗୀଟିର ଅସ୍ୱାଭିକ କଥାବାର୍ତ୍ତାକୁ ଗୁରୁତ୍ୱ ନଦେଇ ବରଂ ସ୍ନେହଶୀଳ ଭାବେ ପ୍ରବୋଧନା ଦିଅନ୍ତୁ। ରୋଗୀଟିର କାର୍ଯ୍ୟକୁ ଉପେକ୍ଷା ନକରି ବରଂ ଧୈର୍ଯ୍ୟର ସହିତ ତାର କଥା ଶୁଣନ୍ତୁ। କୌଣସି କ୍ଷେତ୍ରରେ ତାଙ୍କୁ ବିଦ୍ରୁପ, ବା ସମାଲୋଚନା କରନ୍ତୁ ନାହିଁ। ସିଜୋଫ୍ରେନିଆ ରୋଗ ଏକ ନୈରାଶ୍ୟଜନକ ରୋଗ ନୁହେଁ। ରୋଗୀର ପାରିବାରିକ ଓ ସାମାଜିକସ୍ଥିତି ଫେରିପାଇବାର ବହୁତ ଆଶା ରହିଥାଏ। ମନେରଖନ୍ତୁ ଏ ରୋଗ ପାଇଁ ରୋଗୀଟି ବା ତା ପରିବାର ଲୋକମାନେ ଦାୟୀ ନୁହଁନ୍ତି କିନ୍ତୁ ତାଙ୍କ ଆରୋଗ୍ୟ ଲାଭ ନିର୍ଭର କରିଥାଏ କେବଳ ଚିକିତ୍ସକ ନୁହଁନ୍ତି ବରଂ ବନ୍ଧୁ, ସମ୍ପର୍କୀୟ ସର୍ବୋପରି ସାମାଜିକ ଓ ପାରିବାରିକ ପରିବେଶ। ରୋଗୀଟିକୁ ନିଜର ଭାବନା ସହିତ ସାଥୀ କରି ବରଂ ପ୍ରେରଣା ଯୋଗାଇଲେ ସେ ଆରୋଗ୍ୟ ଲାଭ କରିବ ଓ ନୂଆ ଜୀବନ ପାଇଁ ସେ ବି ପୁଣି ଥରେ ପ୍ରସ୍ତୁତ ହୋଇପାରିବ।

**(ସୌଜନ୍ୟ: ଡାକ୍ତର ସମ୍ରାଟ କର, ସହକାରୀ ପ୍ରଫେସର, ମାନସିକ ରୋଗ ବିଭାଗ, ପୁରୀଘାଟ ରୋଡ଼୍, କଟକ)**

# ଚିତ୍ତରଞ୍ଜନ ଦାସ



ଆମ ସମୟର ସୁପ୍ରସିଦ୍ଧ ସାହିତ୍ୟିକ, ଶିକ୍ଷାବିତ୍ ଓ ସମାଜସେବୀ ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ କର୍ମମୟ ଜୀବନ ବିଦ୍ୟାଳୟ ଶିକ୍ଷକ ଭାବେ ଆରମ୍ଭ ହୋଇଥିଲା। ପ୍ରାକ୍ ସ୍ୱାଧୀନତା କାଳରେସେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ପଢ଼ା ଛାଡ଼ିଥିଲେ। ବ୍ରିଟିଶ ବିରୋଧୀ କାର୍ଯ୍ୟକଳାପରେ ସାମିଲ ହୋଇ ଗିରଫ ହୋଇଥିଲେ। ଏଥିପାଇଁ ତାଙ୍କୁ କାରାଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିଥିଲା। ଜେଲ ଜୀବନ ଅବଶ୍ୟ ତାଙ୍କ ପାଇଁ ଆଶୀର୍ବାଦ ଭଳି ଥିଲା। ଏହି ସମୟରେ ସେ ଅସଂଖ୍ୟ ବହି ପଢ଼ି ନିଜକୁ ସୁଗଠିତ କରିବାରେ ସଫଳ ହୋଇଥିଲେ। ପରବର୍ତ୍ତୀ କାଳରେ ସେ ଉଚ୍ଚ ଶିକ୍ଷା ପାଇଁ ଶାନ୍ତିନିକେତନ ଯାଇଥିଲେ। ତା'ପରେ ଡେନ୍‌ମାର୍କରେ କୋପେନ୍ ହେଗେନ୍। ପ୍ରାୟ ଚାରି ବର୍ଷ କଟିଥିଲା ବିଦେଶରେ। ବିଦେଶ ଅବସ୍ଥାନ କାଳରେ ପାଶ୍ଚାତ୍ୟ ଶିକ୍ଷା ବ୍ୟବସ୍ଥା ସଂପର୍କରେ ସେ ବହୁ ଜ୍ଞାନ ଲାଭ କରିଥିଲେ। ସ୍ୱଦେଶ ଫେରିବା ପରେ ଅନୁଗୁଳର ଚମ୍ପତିମୁଣ୍ଡାରେ ସ୍ଥାପିତ ଜୀବନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଯୋଗଦେଇଥିଲେ। ଏହି ବିଦ୍ୟାଳୟକୁ ସେ ରାଜ୍ୟର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ଉଦ୍ୟମ କରିଥିଲେ। ହେଲେ, ସରକାରୀ ନୀତି ନିୟମ ଯୋଗୁଁ ଉଦ୍ଦେଶ୍ୟରେ ସଫଳ ହୋଇପାରି ନଥିଲେ। ପ୍ରଫେସର ଦାସ ଅଠରଟି ଭାଷାରେ ପ୍ରବୀଣ ଥିଲେ। ଦୁଇଶହରୁ ଅଧିକ ପୁସ୍ତକ ରଚନା କରିଥିଲେ। ମିତ୍ରସ୍ୟ ଚକ୍ଷୁସା ତାଙ୍କର ଆତ୍ମ ଚରିତ। ଜୀବନ ବିଦ୍ୟାଳୟ, ଓଡ଼ିଆ ଓ ଓଡ଼ିଶା, ବିଶ୍ୱକୁ ଗବାକ୍ଷ ପାଇଁ ସେ ଯଥାକ୍ରମେ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଶାରଳା ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର। ଓଡ଼ିଶାରେ ଶିକ୍ଷା ସାହିତ୍ୟ ଓ ଆଧ୍ୟାତ୍ମିକ ସାହିତ୍ୟକୁ ବିଶିଷ୍ଟ ଶିକ୍ଷାବିତ୍ ଚିତ୍ତରଞ୍ଜନ ଦାସଙ୍କର ଅବଦାନ ସ୍ମରଣୀୟ। ତାଙ୍କର ଅନେକ ପୁସ୍ତକ ଓଡ଼ିଆ ସାହିତ୍ୟ ସାରସ୍ୱତ ସାଧନକୁ ସମୃଦ୍ଧ କରିଛି। ଭାରତର ବିଭିନ୍ନ ପ୍ରାନ୍ତୀୟ ଓ ଆଞ୍ଚଳିକ ଭାଷାରେ ତାଙ୍କର ପ୍ରଚଣ୍ଡ ପ୍ରତିଭାଦୀପ୍ତ ଦଖଲ ରହିଥିଲା। ସମସ୍ତଙ୍କୁ ବୋଧଗମ୍ୟ ହେବାପରି ତାଙ୍କ ରଚନା ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ଶିକ୍ଷଣୀୟ ରହିଥିଲା। ବିଦେଶରେ ଅନେକ ଦିନ ବାସ କରିଥିଲେ ବି ତାଙ୍କର ଓଡ଼ିଆ ପ୍ରାଣ ଚେତନା ଏବଂ ଏ ରାଜ୍ୟକୁ ଭଲ ପାଇବାର ମହାନତା ଆଦର୍ଶଣୀୟ। ୨୦୧୧ ଜାନୁଆରୀ ୧୬ ତାରିଖ ଦିନରେ ତାଙ୍କର ପରଲୋକ ହୋଇଥିଲା।

**ଡଃ. ଅରୁନ୍ଧତୀ ଦେବୀ,**
ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,
ଦୂରଭାଷ : ୯୯୩୭୧୭୨୮୧୦

# ଅସଜଡ଼ା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା: ଆଦିବାସୀ ସ୍ୱାସ୍ଥ୍ୟସେବାରୁ ବଂଚିତ

ନବରଙ୍ଗପୁର, (ଓଏନ୍ଏସ୍): ଆଦିବାସୀ ବାସିନ୍ଦା ବହୁଳ ନବରଙ୍ଗପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଆସୁଥିଲେ ହେଁ କ୍ରମେ ଏଠରେ ସ୍ୱାସ୍ଥ୍ୟ ସେବାର ଅବନତି ହୋଇଚାଲିଛି। ବର୍ଷସାରା ମାରାତ୍ମକ ସଂକ୍ରାମକ ରୋଗର ପ୍ରାଦୁର୍ଭାବ ଲାଗି ରହୁଛି। ଡ଼ାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅବହେଳା ଯୋଗୁ ସଂକ୍ରାମକ ରୋଗକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ଅବହେଳା ଓ ମନମୁଖୀ କାର୍ଯ୍ୟ ଯୋଗୁଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବିଫଳ ହୋଇଛି। ଏଠାରେ ଅନେକ ଡ଼ାକ୍ତର ଓ କର୍ମଚରୀ ପଦବି ଖାଲି ପଡ଼ିଛି। ଅଧିକାରୀ ମାନେ ମିଳିତ ଭାବେ ବିଭିନ୍ନ ଯୋଜନା କାର୍ଯ୍ୟ ଖାତା ପତ୍ରରେ ସୀମିତ ରଖି ପର୍ଯ୍ୟାପ୍ତ ଅର୍ଥ ବାଟମାରଣା କରିଚାଲିଛନ୍ତି ଓ ଏଥିଯୋଗୁଁ ଏହି ଅଦିବାସୀ ଅଂଚଳରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ରହିଛି। ଏକ ଅନୁଧାନରୁ ଜଣାପଡିଛି ଯେ, ପୁଜାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉମରକୋଟ ଜୋନାଲ୍ ହସ୍ପିଟାଲ୍‌ରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ରୋଗୀ ମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଉ ନଥିବାବେଳେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ବେଆଇନ୍ କାର୍ଯ୍ୟ ଓ ଫର୍ଜରୀ ବିଲ୍ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଉଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟ ଅଧିକାରୀ ମାନେ ମିଳିତ ଭାବେ ଏଡ୍‌ସ, ପଲ୍‌ସ ପୋଲିଓ, ଆରସିଏଚ୍, ଫାଇଲେରିଆ, କୁଷ୍ଠ, ଜନନୀ ଶିଶୁ ସୁରକ୍ଷା ଯୋଜନା, ମମତା ଯୋଜନା, ଆଶା, ମେଲେରିଆ ସର୍ବୋପରି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିସନ୍ ଆଦି ଯୋଜନା କାର୍ଯ୍ୟ ଖାତା ପତ୍ରରେ ସୀମିତ ରଖି ଲକ୍ଷଲକ୍ଷ ଟଙ୍କା ବାଟମାରଣା କରିଚାଲିଛନ୍ତି। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିସନର ବିଭିନ୍ନ କାର୍ଯ୍ୟକ୍ରମରେ କୋଟି କୋଟି ଟଙ୍କା ଅନାବଶ୍ୟକ ଭାବେ ଖର୍ଚ୍ଚ ହେଉଛି। ମାତ୍ର ଜିଲ୍ଲାରେ ସଂକ୍ରାମକ ରୋଗରେ ମରିବା ଲଜ୍ଜାଜନକ। ମିସନ୍ କାର୍ଯ୍ୟ ସଂପର୍କରେ ବ୍ୟାପକ ସମୀକ୍ଷା ହେଉନାହିଁ କି ବିପିଓ ଏବଂ ଡ଼ିପିଏମ୍‌ଙ୍କ କାର୍ଯ୍ୟ ଉପରେ ଉଚ୍ଚସ୍ତରୀୟ ତଦନ୍ତ ହେଉନାହିଁ। ଏଠାରେ ସରକାରୀ ଆଇନ ଆଦୌ କାର୍ଯ୍ୟକାରୀ ହେଉନାହିଁ। ଅଧିକାଂଶ ଅଂଚଳରେ ଡ଼ାକ୍ତର ଓ କର୍ମଚାରୀମାନେ ନିଜ କର୍ମସ୍ଥଳରେ ରହୁନାହାଁନ୍ତି କି ନିୟମିତ କର୍ତବ୍ୟ କରୁନାହାଁନ୍ତି। ଅସ୍ୱଷ୍ଟ ବଦଳି ନୀତି ଓ ଆନୁଷଙ୍ଗିକ ବ୍ୟବସ୍ଥାର ଅଭାବ ଏହାର ମୁଖ୍ୟ କାରଣ। ସ୍ୱାସ୍ଥ୍ୟସେବା ଯୋଗାଣକୁ ତ୍ୱରାନ୍ୱିତ କରିବା ବଦଳରେ କେତେକ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ତୀବ୍ର ମାନସିକ ଯନ୍ତ୍ରଣା ଦିଆଯାଉଥିବା ବେଳେ ବଦଳି ଋତୁରେ ସେମାନଙ୍କୁ ବ୍ଲାକ୍‌ମେଲିଂ କରାଯାଉଛି। ବଦଳି ଭୟ ଦେଖାଇ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ କର୍ମଚାରୀମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ବର୍ଷ ବଦଳି ଋତୁ ଆରମ୍ଭର ୨/୩ ମାସ ତଳୁ କର୍ମଚାରୀ ମାନେ ଆତଙ୍କଘେରରେ ରହୁଛନ୍ତି। ଦୀର୍ଘବର୍ଷ ତଳୁ ଦେଖାଯାଇ ଆସିଛି, ପ୍ରତିବର୍ଷ ଜିଲ୍ଲାରେ ଶହଶହ କର୍ମଚାରୀଙ୍କୁ ବଦଳି ଭୟ ଦେଖାଯାଇଥିଲେ ହେଁ ୧୦ରୁ ୧୫ ଜଣଙ୍କର ବଦଳି ହୋଇଥାଏ। ଏହାର ଅର୍ଥ ବଦଳି ଆଇନ ଏହି ଜିଲ୍ଲାରେ ଆଦୌ କାର୍ଯ୍ୟକାରୀ ହେଉନାହିଁ। ବରଂ ବଦଳି ଭୟ ଦେଖାଇ କର୍ମଚାରୀ ମାନଙ୍କୁ ଶୋଷଣ କରାଯିବା ସହ ସେମାନଙ୍କୁ ମାନସିକ ଚାପ ଭିତରେ ରଖାଯାଉଛି। ଏପରିକି କେତେକ ସ୍ୱାସ୍ଥ୍ୟ ଅଧିକାରୀ ସରକାରୀ ଆଇନ୍ ଉଲଘଂନ କରି କର୍ମଚାରୀଙ୍କର କାଗଜପତ୍ର ଓ ସର୍ଭିସ୍ ବୁକ୍‌ରେ ଭୁଲ୍ ତଥ୍ୟ ଲେଖୁଥିବା ଅଭିଯୋଗ ହେଉଛି। ଏ ସଂପର୍କରେ କୌଣସି ଉଚ୍ଚସ୍ତରୀୟ ସମୀକ୍ଷା ହେଉନାହିଁ। ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀମାନେ ନିଜ ହେଡ୍ କ୍ୱାର୍ଟରରେ ରହୁ ନଥିବା ବେଳେ ଘରଭଡା ଭତା ସୁପାରିଶ ପାଇଁ ଡିଡିଓ ନିର୍ଦ୍ଦିଷ୍ଟ ପରିମାଣର ଲାଂଚ ନେଉଛନ୍ତି। ଅଧିକାଂଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବହୁ ଅସାମ୍ବିଧାନିକ କାର୍ଯ୍ୟ ସଂପର୍କରେ ସାଧାରଣ ଅଭିଯୋଗ ସତ୍ତ୍ୱେ ସ୍ୱାସ୍ଥ୍ୟ ପ୍ରଶାସନର ନିରବତାର କାରଣ ସନ୍ଦେହ ଘେରକୁ ଆସୁଛି। ଏଭଳି କାର୍ଯ୍ୟଯୋଗୁ ଏହି ଜିଲ୍ଲାରେ ସର୍ବଦା ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ରହୁଛି। ଏଥିପ୍ରତି ରାଜ୍ୟ ଭିଜିଲାନ୍‌ସ ଡିଜି, ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ ଦୃଷ୍ଟି ଦେଇ ଦୁର୍ନୀତିଗ୍ରସ୍ତ ଅଧିକାରୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସାଧାରଣତନ୍ତ୍ର ଦିବସରେ ଆତ୍ମାହୂତି ଦେବେ ମହିଳା ସ୍ୱାସ୍ଥ୍ୟକର୍ମୀ

ଭୁବନେଶ୍ୱର (ପିଏନ୍): ଆପଣମାନେ ଜାଣିଛନ୍ତି ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଆଜକୁ ଦୁଇବର୍ଷ ହେଲା ନ୍ୟାୟସଙ୍ଗତ ନ୍ୟାର୍ଯ୍ୟ ଦାବି ପାଇଁ ଲଢେଇ କରି ଆସୁଛନ୍ତି। ଜୁଲାଇ ୪ ତାରିଖ ଦିନ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ପରେ ସଂଘ ଅନଶନ ଭଙ୍ଗ କରିଥିଲା। ନଭେମ୍ବର ୩୦ତାରିଖ ଦିନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ରାଜରାସ୍ତାରେ ବିକ୍ଷୋଭ, ଅନଶନ ଓ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ସରକାର ପ୍ରତିଶ୍ରୁତି ଦେଇଥିଲେ ଜାନୁୟାରୀ ମାସରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରିବେ। ରାଜ୍ୟ ସରକାର ମୋ ସରକାର ଯୋଜନାରେ ସ୍ୱାସ୍ଥ୍ୟକୁ ପ୍ରଥମେ ପ୍ରାଧାନ୍ୟ ଦେଇଥିବା ବେଳେ ରାଜ୍ୟରେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରିବା ପାଇଁ ଡ଼କ୍ଟର ଓ ପାରାମେଡ଼ିକାଲ ଷ୍ଟାଫଙ୍କର ଅଭାବ ଦେଖାଦେଇଛି। ଷ୍ଟାଫ ଅଭାବ ଯୋଗୁ ରାଜ୍ୟବାସୀ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟରେ ୧୭ ହଜାରରୁ ଅଧିକ ମହିଳା ସ୍ୱାସ୍ଥ୍ୟ କର୍ମୀ ବା ଏଏନ୍ଏମ୍‌ମାନେ ତାଲିମ ଶେଷ କରିବା ପରେ ଅବହେଳିତ ଓ ଅବାଞ୍ଛିତ ହୋଇ ବାରଦୁଆର ଶୁଣ୍ଢିପିଣ୍ଡା ହେଉଛନ୍ତି। ଯଦି ରାଜ୍ୟ ସରକାର ଜାନୁୟାରୀ ୨୩ ତାରିଖ ସୁଦ୍ଧା ନିଯୁକ୍ତି ବିଜ୍ଞାପନ ବା ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିଯୁକ୍ତି ପାଇଁ ଠୋସ ପଦକ୍ଷେପ ନ ନିଅନ୍ତି, ତେବେ ଜାନୁୟାରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ସମସ୍ତ ସଭ୍ୟା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଆତ୍ମାହୂତି ଦେବେ ବୋଲି ରାଜ୍ୟ ସଭାପତି ପାର୍ଥସାରଥୀ ଜେନା ସରକାରଙ୍କୁ ଚେତାବନୀ ଦେଇଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

